Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 5

ସାପ୍ତାହିକ ବଦର କାଦିଆନ

The Weekly BADAR Qadian ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 02 ଫେବୃଆରୀ 2017    02 ତବ୍‌ଲିଗ୍ 1396 ହି.ଶ    04 ଯମାଦିଲ୍ ଅୱ୍ୱଲ୍ 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ମନେରଖ ଯେ ଯାହାକୁ ଓହ୍ଲାଇବାର ଥିଲା ସେ ଠିକ୍ ସମୟରେ ଓହ୍ଲାଇ ସାରିଛନ୍ତି ଏବଂ ଆଜି ସମସ୍ତ ଲେଖା ସମ୍ପୂର୍ଣ୍ଣ ହୋଇଯାଇଛି । ସମସ୍ତ ନବୀଙ୍କର ପୁସ୍ତକ ଏହି ଯୁଗ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ମନେରଖ ଯେ ଯିଏ ଓହ୍ଲାଇବାର ଥିଲା ସେ ସଠିକ୍ ସମୟରେ ଓହ୍ଲାଇ ଆସିଛି ଏବଂ ବର୍ତମାନ ସମସ୍ତ ଲେଖା ସମ୍ପୂର୍ଣ୍ଣ ହୋଇଯାଇଛି । ସମସ୍ତ ନବୀଙ୍କ ଦ୍ୱାରା ଆସିଥିବା ଐଶ୍ୱରୀକ ପୁସ୍ତକରେ ବର୍ତମାନ ଯୁଗ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି । ଖ୍ରୀଷ୍ଟିଆନ୍ ମାନଙ୍କ ମଧ୍ୟ ଏହି ବିଶ୍ୱାସ ଯେ ଏହି ଯୁଗରେ ମସିହ୍ ମଉଦ୍‌ଙ୍କ ଆସିବାର ମଧ୍ୟ ଜରୁରୀ ଥିଲା । ଉକ୍ତ ପୁସ୍ତକମାନଙ୍କରେ ପ୍ରାଞ୍ଜଳ ଭାବେ ଲେଖା ହୋଇଥିଲା ଯେ ଆଦମଙ୍କଠାରୁ ଛଅ ହଜାର ବର୍ଷର ଶେଷରେ ମସିହ୍ ମଉଦ୍ ଆସିବେ । ତେଣୁ ଛଅ ହଜାର ବର୍ଷର ଶେଷ ଆସିଗଲା । ଲେଖା ହୋଇଥିଲା ଏହା ପୁର୍ବରୁ 'ଜୁସ୍‌ସନୈନେ' ତାରା ବାହାରିବ । ତେଣୁ ତାହା କେବେଠାରୁ ବାହାରି ଆସିଛି । ପୁଣି ଲେଖାଥିଲା (ମସିହ୍‌ର) ଆସିବା ସମୟରେ ସୂର୍ଯ୍ୟ ଓ ଚନ୍ଦ୍ରରେ ଗୋଟିଏ ମାସରେ ଯାହା ରମ୍‌ଜାନ୍ ମାସ ଥିବ, ଗ୍ରହଣ ଲାଗିବ । ତେଣୁ ଉକ୍ତ ଭବିଷ୍ୟବାଣୀକୁ ପୁରା ହେବାର ମଧ୍ୟ ବହୁତ ଦିନ ହୋଇଗଲାଣି । ପୁଣି ଲେଖାହେଲା ଯେ ତାଙ୍କ ଯୁଗରେ ଗୋଟିଏ ତାଉନ୍ (ପ୍ଲେଗ୍, ଏକ ମହାମାରୀ ସଂକ୍ରାମକ ରୋଗ) ପ୍ରବଳ ତେଜର ସହିତ ଜନ୍ମ ନେବ । ତାର ଖବର ଇଞ୍ଜିଲ୍‌ରେ ମଧ୍ୟ ଉପସ୍ଥିତ ଅଛି । ତେଣୁ ଦେଖୁଛି ତାଉନ୍ ଏ ପର୍ଯ୍ୟନ୍ତ ପଛ ଛାଡ଼ିନାହିଁ" ।

(ତଜ୍‌କରାତୁଶ୍ ଶାହାଦତୈନ୍ ପୃଷ୍ଠା-୨୪)

୧୨୨ତମ ଜଲ୍‌ସା ସାଲାନା କାଦିଆନ୍ ୨୦୧୬ ର ସଂକ୍ଷିପ୍ତ ବିବରଣୀ (ପ୍ରଥମ ଜଲ୍‌ସାରୁ ଏପର୍ଯ୍ୟନ୍ତ ୧୨୫ ତମ ବର୍ଷ)

# ଅହେମଦୀୟା ମର୍କଜ୍ କାଦିଆନ୍ ଦାରୁଲଅମାନ୍‌ରେ ୧୨୨ତମ ଜଲ୍‌ସା ସାଲାନାର ସଫଳ ଆୟୋଜନ ।

♦ମୁସ୍‌ଲିମ୍ ଟେଲିଭିଜନ୍ ଅହମଦୀୟା ଦ୍ୱାରା ସୟଦ୍‌ନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ମିର୍ଜା ମସ୍‌ରୁର୍ ଅହ୍‌ମଦ୍ ଖଲିଫତୁଲ ମସିହିଲ୍ ଖାମିସ୍ ଆୟଦହୁଲ୍‌ଲାହୁ ତାଲା ବେନସ୍‌ରିହିଲ୍ ଅଜିଜ୍‌ଙ୍କର ଜଲ୍‌ସାରେ ସାମିଲ୍ ସଦସ୍ୟଙ୍କ ନିମନ୍ତେ ହୃଦ୍‌ବୋଧ ଭାଷଣ♦୪୨ ଦେଶରୁ ଅତିଥିମାନଙ୍କର ଆଗମନ ଓ ୧୪,୨୪୨ ଅହେମଦୀୟା ପ୍ରେମୀଙ୍କ ଜଲ୍‌ସାରେ ଅଂଶଗ୍ରହଣ♦ହଜୁର୍ ଅନ୍‌ୱରଙ୍କ ଉଦ୍‌ଯାପନି ଭାଷଣ ସମୟରେ ଲଣ୍ଡନ୍‌ଠାରେ ୫,୨୩୦ ଅହେମଦୀଙ୍କର ସମାବେଶ♦ତହ୍‌ଯୁଦ୍ ନମାଜ ପାଠ ଦରସୁଲ୍ କୁରୁଆନ୍ ଓ ଜିକ୍‌ରେ ଏଲାହି ସହିତ ସୁନ୍ଦର ପରିବେଶ♦ଓ୍ୱଲେମା କରାମ୍‌ଙ୍କ ସୁଜ୍ଞାନୀ ଭାଷଣ ଜଲ୍‌ସା ପେଶ୍‌ୱାୟାନେ ମଜାହିବ୍‌ର (ସର୍ବଧର୍ମ ସମ୍ମିଳନୀ) ଆୟୋଜନ♦ଅତିଥିମାନଙ୍କ ପରିଚୟ ପ୍ରଦାନକାରୀ ଭାଷଣ♦ଦେଶୀୟ ଓ ବିଦେଶୀ ଭାଷାରେ ଅନୁବାଦ♦ଅହେମଦୀମାନଙ୍କ ନିମନ୍ତେ ଜ୍ଞାନବର୍ଦ୍ଧକ ଓ ବିଭିନ୍ନ ତର୍‌ବୟତି ବିଷୟ ଉପରେ ଆଧାରିତ ଡ଼କ୍ୟୁମେଂଟାରି ଓ ଅନ୍ୟାନ୍ୟ ଜ୍ଞାନବର୍ଦ୍ଧକ ପ୍ରଦର୍ଶନୀର ଉପସ୍ଥାପନ♦ନୌ ମୁବାଇନ୍ ଏବଂ ଜେରେ ତବ୍‌ଲିଗ୍‌ଙ୍କ ନିମନ୍ତେ ଜଲ୍‌ସା♦୨୬ ଟି ନିକାହ୍‌ର ଘୋଷଣା♦ପ୍ରିଂଟ୍ ଓ ଇଲୋକ୍‌ଟ୍ରୋନିକ୍ ମିଡ଼ିଆରେ ଜଲ୍‌ସାର ବୃହତ ପ୍ରସାରଣ♦ଶାନ୍ତିପ୍ରିୟ ଓ ସୁନ୍ଦର(ପରିବେଶରେ) ମୌସମ୍‌ରେ ଜଲ୍‌ସାର ସମସ୍ତ ପ୍ରୋଗ୍ରାମ୍ ପରିସମାପ୍ତି♦"ଅଲ୍‌କଲମ୍" ପ୍ରୋଜେକ୍ଟର ଆୟୋଜନ♦ଯମାତ ଅହେମଦୀୟା ଇଣ୍ଡୋନେଶିଆରୁ ୧୮୩ ଜଣ ବ୍ୟକ୍ତି ଚ଼ଟାର୍ଡ଼ ଉଡ଼ାଜାହାଜ ଜରିଆରେ ଆସି ଜଲ୍‌ସା ସାଲାନାରେ ସାମିଲ୍ ।

***(ଦ୍ୱିତୀୟ ଭାଗ)***

**ଜଲ୍‌ସା ପେଶ୍‌ୱାୟାନେ ମଜାହିବ୍**

**(ସର୍ବଧର୍ମ ସମ୍ମିଳନୀ)**

ପ୍ରତ୍ୟେକ ବର୍ଷ ଜଲ୍‌ସା ସାଲାନା ସମୟରେ ଦ୍ୱିତୀୟ ଦିବସର ଦ୍ୱିତୀୟ ସଭାରେ ଅନ୍ୟାନ୍ୟ ଧର୍ମାବଲମ୍ବୀ ଏବଂ ରାଜନେତାମାନେ ଜଲ୍‌ସା ସାଲାନାରେ ଯୋଗଦେଇ ଯମାତ୍ ଅହେମଦୀୟାର ସ୍ଥାପନା, ଶାନ୍ତି ପାଇଁ ପ୍ରୟାଶ ଏବଂ ଅନ୍ୟାନ୍ୟ ସେବା ବିଷୟରେ ନିଜ ନିଜର ବିଚ଼ାର ରଖିଥାନ୍ତି । ମୋକରମ୍ ମୌଲାନା ମୁହମ୍ମଦ୍ ନସିମ୍ ଖାଁ ସାହେବ ମୋକରମ୍ ମୌଲବୀ ତନ୍‌ୱିର୍ ଅହମଦ୍ ଖାଦିମ୍ ସାହେବ ଏବଂ ମୋକରମ୍ ମୌଲବୀ ଫଜ୍‌ଲୁର୍ ରହ୍‌ମାନ୍ ଭଟି ସାହେବ କ୍ରମାନୁସାରେ ନିମ୍ନଲିଖିତ ଧାର୍ମିକ ଓ ରାଜନୈତିକ ଲିଡ୍‌ରଙ୍କୁ ନିଜର ବକ୍ତବ୍ୟ ରଖିବା ପାଇଁ ଡାଇଶ୍ ଉପରକୁ ନିମନ୍ତ୍ରଣ କଲେ । (୧)***ଶ୍ରୀମାନ୍ ଅନୁରାଗ ସୁଦ୍ ସାହେବ*** (ଆବାହକ ସଦ୍‌ଭାବନା କମିଟି ହୋଶ୍‌ୟାରପୁର୍) । ସେ ନିଜର ବିଚ଼ାର ରଖିବାକୁ ଯାଇ ସର୍ବ ପ୍ରଥମେ ଜଲ୍‌ସାର ମୋବାରକ୍‌ବଦୀ ପେଶ୍ କଲେ ଏବଂ କହିଲେ ଯେ ଆମକୁ ସବୁବେଳ ହଜୁର୍ ଅନୁଓ୍ୱରଙ୍କର ପଥ ପ୍ରଦର୍ଶନ ମିଳୁଛି । ଯମାତ୍, ହୋଶ୍‌ୟାର୍‌ପୁରଠାରେ ଚ଼ରିଟେବୁଲ୍ ହୋମିଓପାଥି ଡିସ୍‌ପେନ୍‌ସାରୀର ଶୁଭାରମ୍ଭ କରିଛି ଯାହା ଲୋକଙ୍କ ସେବାରେ କାର୍ଯ୍ୟରତ । ସେ କହିଲେ ଯେ ଆରମ୍ଭରେ ଯେତେବେଳେ ଆମେ ଆସୁଥିଲୁଁ ସେତେବେଳେ ଏତେ ସଂଖ୍ୟକ ଧାର୍ମିକ ଲୋକ ଏଠାକୁ ଆସୁନଥିଲେ । ଏବେ ବହୁମାତ୍ରାରେ ବିଭିନ୍ନ ଧାର୍ମିକ ଲୋକେ ଏଠାକୁ ଆସୁଛନ୍ତି । ହଜୁରଙ୍କ ସହିତ ମୋର ଲଣ୍ଡନରେ ସାକ୍ଷାତ ହୋଇଥିଲା । ହଜୁର୍ କହିଲେ ଯେ ଯଦି ସବୁ ଧର୍ମର ଲୋକ ସଂସାରରେ ଶାନ୍ତି ପ୍ରତିଷ୍ଠା ପାଇଁ ଚେଷ୍ଟା ନ କରିବେ ତେବେ ତୃତୀୟ ବିଶ୍ୱଯୁଦ୍ଧ ହେବ ହିଁ ହେବ । ଆପଣଙ୍କ ସଭାରେ ସବୁ ଧର୍ମର ସମ୍ମାନ କରାଯାଏ । ଯଦି ଏପରି ଭାବନା ସମଗ୍ର ସଂସାରର ହୋଇଯିବ ତେବେ ପୁଣି କୌଣସି ଯୁଦ୍ଧ, ଲଢ଼େଇ ଏବଂ ଝଗଡ଼ା ହୋଇପାରିବ ନାହିଁ ।

(୨) ***ସର୍‌ଦାର୍ ଜର୍‌ନଲ୍ ସିଂ ମାହିଲ୍ ସାହେବ୍*** (ଚେୟାର୍‌ମ୍ୟାନ୍ ମ୍ୟୁନିସ୍‌ପାଲ୍ କମିଟି କାଦିଆନ୍) । ସେ କହିଲେ ଯେ ଆଜି ଏହି ଖୁସିର ଅବସରରେ ୪୨ ଦେଶରୁ ଆସିଥିବା ସମସ୍ତ ଭାଇମାନଙ୍କୁ ଏହି ଜଲ୍‌ସାର (ମୋବାରକ୍ ବାଦ) ଶୁଭେଚ୍ଛା । ଦୁଆ କରୁଛି

ପ୍ରିନ୍ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ଯେ ଏହି ଜଲ୍‌ସା ସବୁ ବର୍ଷ ଅଧିକରୁ ଅଧିକ ପ୍ରେମ ଓ ସୌହାର୍ଦ୍ଦ୍ୟର ସହ ପାଳନ ହେଉ । ଆମର ଜମାତ୍ ସହିତ ବହୁତ୍ ଗଭୀର ସମ୍ପର୍କ ଅଛି । ଯମାତ୍ ଆମକୁ ଯେତେ ସ୍ନେହ ଦେଇଛି ତାହାକେହି ଦେଇପାରିବେ ନାହିଁ । ଏହା ସଚ୍ଚା ଜମାତ୍ ଅଟେ ।

(୩) ***ଯନାବ ପି.କେ ସମନ୍ତରାୟ ସାହେବ*** (ବିଶପ ନର୍ଥ ଜୋନ୍ ଇଣ୍ଡିଆ) । ଆପଣ ସମସ୍ତ ମେମ୍ବର ଓ ଭାଇ ଭଉଣୀ ମାନଙ୍କ ତରଫରୁ ଜଲ୍‌ସାର ଶୁଭ କାମନା ମନାସି କହିଲେ ଯେ ଆମର କାଦିଆନ୍ ସହିତ ଘନିଷ୍ଠ ସମ୍ପର୍କ ଅଛି । ଏଠାକୁ ବାରମ୍ବାର ଆସି ବହୁତ ଲୋକଙ୍କ ସହିତ ସାଥି ହୋଇଗଲିଣି । ଆମେ ଯେଉଁଠିକି ବି ଯାଉଛୁ ସେଠି ଅହେମଦୀୟା କମ୍ୟୁନିଟି ସହିତ ଭେଟ କରୁଛୁ । କାଶ୍ମୀରରେ ଆମର ଗୋଟିଏ ସ୍କୁଲ୍ ଜଳି ଯାଇଥିଲା । ଯମାତ୍ ଅହେମଦୀୟା ଜର୍ମାନୀ ତାକୁ ବନେଇବା ପାଇଁ ସାହାଯ୍ୟ ଦେଲେ । ଆଜି ପୁରା ଦୁନିଆରେ ମୁସଲମାନ ମାନଙ୍କୁ ପ୍ରତ୍ୟେକ ଖରାପ କାମ ପାଇଁ ଦାୟୀ କରାଯାଉଛି । ମୁଁ ଏହା ଜାଣେ ଯେ ନିଜର ଧର୍ମକୁ ମାନିବା ସଙ୍ଗେ ସଙ୍ଗେ ଅନ୍ୟ ଧର୍ମ ବିଷୟରେ ମଧ୍ୟ ଜାଣିବା ଉଚିତ୍ ଏବଂ ତା ସଙ୍ଗେ ପ୍ରେମ କରିବା ଉଚିତ୍ । ଆମକୁ ନକରାତ୍ମକ କଥାରୁ ଅଲଗା ହୋଇ ସକରାତ୍ମକ କଥା ଉପରେ ଅମଳ କରିବା ଦରକାର ।

(୪) ***ଡାଃ ସ୍ୱାମୀ ଆଦେଶ ପୁରୀ ସାହେବ୍*** - (ଉନା, ହିମାଚଳ ପ୍ରଦେଶ) ସେ କହିଲେ ଏହା ୧୨୨ତମ ଜଲ୍‌ସା ସାଲାନା ଅଟେ । ଆମ ଭିତରୁ କୌଣସି ଲୋକ ୧୨୨ ବର୍ଷର ନାହାଁନ୍ତି କିନ୍ତୁ ଏହି ଜଲ୍‌ସାର ମୂଳଦୁଆ ରଖିବା ବ୍ୟକ୍ତି ଏବେ ମଧ୍ୟ ଜୀବିତ ଅଛନ୍ତି । ସେ ଯେଉଁ ବଗିଚ୍ଚ ୧୨୨ ବର୍ଷ ପୂର୍ବେ ଲଗାଇଥିଲେ ଅହେମଦୀୟା ସମାଜ ତାକୁ ପାଣି ଦେଇ ଦେଇ ଏପର୍ଯ୍ୟନ୍ତ ଆଣିଲାଣି । ସେ କହିଲେ ଏହି ନାରା (ନାଦ) ସମସ୍ତଙ୍କର ଅଟେ । (ମୋହବ୍‌ବତ୍ ସବ୍‌କେ ଲିଏ, ନଫ୍‌ରତ୍ କିସିସେ ନେହିଁ) "ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ" ।

(୫)***କମଲ୍ ପ୍ରୀତ୍ ଯସି ସାହେବ*** (କାଦିଆନ୍ ହଲ୍‌କାରୁ AAP ପାର୍ଟିର ପ୍ରତିନିଧି) ଜଲ୍‌ସାର ଶୁଭେଚ୍ଛା ଦେଇ ସେ କହିଲେ ଏପରି ଜଲ୍‌ସା ଦ୍ୱାରା ପରସ୍ପର ମଧ୍ୟରେ ପ୍ରେମ ଦୃଢ଼ ହୋଇଥାଏ ।

(୬)***ମାଷ୍ଟର୍ ଗୁରୁକର୍ମା ତାପକି ସାହେବ୍*** (ବୁଦ୍ଧିଷ୍ଟ କମ୍ୟୁନିଟି ନେପାଳର ଆବାହକ) । ସେ କହିଲେ ଯେ ମୁଁ ହଜୁର ଅନ୍‌ୱରଙ୍କୁ ହୃଦୟରୁ ସଲାମ୍ ଜଣାଉଛି । ଆପଣ ସମଗ୍ର ସଂସାରକୁ ଶାନ୍ତିର ଶିକ୍ଷା ଦେଉଛନ୍ତି । ଆପଣଙ୍କ ମାର୍ଗ ଦର୍ଶନରେ ସବୁ ଧର୍ମ ମଧ୍ୟରେ ପ୍ରେମଭାବ ସୃଷ୍ଟି ହେଉଛି । ଭାରତ ଏପରି ଏକ ଦେଶ ଯେଉଁଠି ବହୁତ ମହାନ୍ ବ୍ୟକ୍ତି ଜନ୍ମ ନେଇଛନ୍ତି । ସେମାନଙ୍କ ଯୋଗୁଁ ଏଠାରେ ଶାନ୍ତି ପ୍ରତିଷ୍ଠା ହୋଇପାରିଛି । ଏହି ଦିନଟି ବହୁତ ମଙ୍ଗଳମୟ ଓ ଶାନ୍ତିର ଦିନ ଅଟେ । ସେ ତାଙ୍କର ଇଚ୍ଛା ପ୍ରକାଶ କରି କହିଲେ ଯେ ହଜୁର୍ ଅନ୍‌ୱରଙ୍କୁ ଶାନ୍ତିର ନୋବେଲ୍ ପୁରସ୍କାର ମିଳିବା ଉଚିତ୍ ।

(୭) ***ସନ୍ଥବାବା ସନ୍ତୁଖ୍ ସିଂ ସାହେବ*** (ମୁଖ୍ୟ କାରସେବା ସଂସ୍ଥା ପଞ୍ଜାବ) । ଜଲ୍‌ସାର ଶୁଭେଚ୍ଛା ନେଇ କହିଲେ ଯେ ଏହା ବହୁତ ଖୁସିର ଦିନ ଅଟେ । ଏହି ସର୍ବଧର୍ମ ସମ୍ମିଳନୀ ସହିତ ଆମର ପୁରୁଣା ସମ୍ପର୍କ ଅଛି । ଗୁରୁ ଗୋବିନ୍ଦ୍ ସିଂ ଜି ମୁସଲମାନଙ୍କ ବିରୋଧରେ ଯୁଦ୍ଧ କରିନଥିଲେ, ବରଂ ଜୁଲମର ବିରୋଧରେ କରିଥିଲେ । ବହୁତ ମୁସଲ୍‌ମାନ ତାଙ୍କର ସାହାଯ୍ୟ କରିଥିଲେ । ଆମର ନିଜ ମୁସଲମାନ ଭାଇଙ୍କ ସହିତ ବହୁତ ପୁରୁଣା ସମ୍ପର୍କ ଅଛି । ମୁଁ ଅଲ୍ଲାଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ଏହି ପ୍ରେମ ଏହିପରି ଲାଗିରହୁ । ହଜରତ୍ ମିର୍ଜା ମୁସ୍‌ରୁର୍ ଜି ନିଜର ଲକ୍ଷରେ ସଫଳତା ହାସଲ କରନ୍ତୁ ।

(୮) ***ମାଷ୍ଟର୍ ମୋହନ୍‌ଲାଲ୍ ସାହେବ*** (ପୂର୍ବତନ ମନ୍ତ୍ରୀ ପଞ୍ଜାବ ସରକାର) । ସେ ନୂଆ ବର୍ଷର ଅଭିନନ୍ଦନ ଜଣାଇ କହିଲେ ଯେ, ମୋର ପ୍ରାର୍ଥନା ଏହା ଯେ ଆପଣମାନେ ଦୁନିଆର ସବୁ ସ୍ଥାନରେ ଖୁସି ରହନ୍ତୁ । ଏ ସଂସାରକୁ ବିନାଶରୁ ବଂଚାଇବାକୁ ହେଲେ Natural Resources (ପ୍ରାକୃତିକ ସାଧନ)କୁ ବଂଚାଇବାକୁ ପଡ଼ିବ । ଆମେ ଏହି ପୃଥିବୀକୁ ରହିବା ଉପଯୋଗୀ ବନାଇବାକୁ ହେବ ଏବଂ ଅଧିକରୁ ଅଧିକ ଗଛ ଲଗାଇବାକୁ ହେବ । ଅଲ୍ଲାଃଙ୍କ (କୃପା) ପ୍ରଦତ୍ତ ପଦାର୍ଥର ଧ୍ୟାନ ରଖିବାକୁ ହେବ । ଆମେ ଜାଣିଶୁଣି ଏହି ପୃଥିବୀରେ ଜହର ମିଶିଦେଉଛେ । ଆଜି ଆମେ ଏଠାରୁ ଏହି ପ୍ରତିଜ୍ଞା କରି ଉଠିବା ଯେ ଆମେ ପୃଥିବୀକୁ ବଂଚାଇବା ପାଇଁ ଚେଷ୍ଟା କରିବା । ଅଲ୍ଲାଃତାଲା ଆପଣଙ୍କ ଉପରେ କୃପା କରନ୍ତୁ ।

(୯)***ଯନାବ ଯାଦୋନ୍ଦର ସିଂ ବୁଟର ସାହେବ ।*** (ମାଇନରିଟି ମୋର୍ଚ୍ଚା ବିଜେପିର ନେତା) । ସେ ସମସ୍ତ ଧାର୍ମିକ ଓ ରାଜନୈତିକ ନେତାଙ୍କୁ ସଲାମ କରି କହିଲେ ଯେ ମୋ ବାପା ସରଦାର୍ ସୋଏଲା ସିଂ ବୁଟର ସାହେବଙ୍କର ଜମାତ ସହିତ ବହୁତ ପୁରୁଣା ସମ୍ପର୍କ ରହିଛି । ମୁଁ ସେହି ସମ୍ପର୍କକୁ ଉଜାଗର କରିବା ପାଇଁ ପୁରା ପରିବାର ସହିତ ଏଠାକୁ ଆସିଛି । ମୁଁ ମୋ ପିଲାମାନଙ୍କୁ ଆଣିବାର କାରଣ ଏହା ଯେ ସେମାନଙ୍କୁ ଜଣାଇବି ଯେ ତୁମର ବାପା ଦାଦାଙ୍କ ସମ୍ପର୍କ କିପରି ଲୋକଙ୍କ ସହିତ ଥିଲା । ଯମାତ୍ ଅହେମଦୀୟାର ଖଜାନା (କୋଷାଗାର) ଆମର ବୁଜୁରୁଗ୍ (ସମ୍ମାନଯୋଗ୍ୟ) ଶ୍ରୀ ହୱେଲା ସିଂ ଜିଙ୍କ ପାଖରେ ଅମାନତ (ଥାତି) ସ୍ୱରୂପ ସୁରକ୍ଷିତ ଥିଲା । ମୋର ପ୍ରବଳ ଇଚ୍ଛା ଯେ ହଜୁର ଅନ୍‌ୱରଙ୍କୁ ନୋବେଲ୍ ପ୍ରାଇଜ୍ ଦିଆଯାଉ ।

(୧୦) ***ଯନାବ୍ ଫତହ୍ ଜଙ୍ଗ୍ ସିଂ ବାଜୱା ସାହେବ୍*** (ଜେନେରାଲ୍ ସେକ୍ରେଟାରୀ କଂଗ୍ରେସ୍ ପାର୍ଟି, ପଞ୍ଜାବ) । ସେ ତାଙ୍କ ବିଚାର ରଖି କହିଲେ ଯେ ମୁଁ ହଜରତ୍ ମିର୍ଜା ମସ୍‌ରୁର୍ ଅହେମଦ୍‌ଙ୍କ ସହିତ ଗୋଟିଏ ଜଲ୍‌ସାରେ ସାକ୍ଷାତ କରିଥିଲି । ସେ କିପରି ଜଲ୍‌ସା ଥିଲା ! ଏପରି ଲାଗୁଥିଲା ଯେପରି ଗୋଟିଏ ସମୁଦ୍ର ଅଛି । ଅହେମଦୀଙ୍କର ଗୋଟିଏ ସହର ତିଆରି ହୋଇଛି । ହଜୁରଙ୍କ ପାଦତଳେ ବସି ମୁଁ ସେହି ଜଲ୍‌ସା ଦେଖିଲି । ଆମର ଏହି ଯମାତ୍ ସହିତ ବହୁତ ଘନିଷ୍ଠ ସମ୍ପର୍କ ଅଛି । ଯମାତ ସହିତ ଆମର ରାଜନୈତିକ ସମ୍ପର୍କ ନୁହେଁ ବରଂ ହୃଦୟର ସମ୍ପର୍କ ଅଛି । ମୁଁ ଯେତେବେଳେ ନବମ ଶ୍ରେଣୀରେ ପଢୁଥିଲି ସେତେବେଳେ ସର୍ ଜଫ୍‌ରୁଲ୍ଲାଃଖାଁ ସାହେବ୍ କାଦିଆନ୍ ଆସିଥିଲେ । ସେ ମତେ କହିଥିଲେ ଯେ ପୁଅ ତୁମକୁ ଜଣାଅଛି କି, 'ଜଫର' ଏବଂ 'ଫତହ୍' ର ଅର୍ଥ ଏକ ବୋଲି ? ଅର୍ଥାତ୍ ବିଜୟ (ଜିତ୍) । ସେ ମତେ ତାଙ୍କର ଦୋସ୍ତ (ସାଙ୍ଗ) ବନାଇଲେ ଏବଂ ଆମ ଦୁହିଙ୍କ ମଧ୍ୟରେ ଚିଠିପତ୍ରର ଦିଆନିଆ ହେଉଥିଲା । ଆଜି ଯେଉଁ ସ୍ଥାନରେ ମୁଁ ପହଂଚିଛି କେବେଳ ତାଙ୍କ ଦୁଆ (ପ୍ରାର୍ଥନା) ଯୋଗୁଁ ପହଂଚିଛି ।

(୧୧) ***ସରଦାର୍ ସେୱା ସିଂ ସିଖ୍‌ୱା ସାହେବ୍*** (ଅକାଳି ନେତା ଓ ମେମ୍ବର ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧକ କମିଟି) ସେ ଖୁସିର ଅନୁଭବ କରି କହିଲେ ଯେ ପ୍ରତ୍ୟେକ ବର୍ଷ ଯମାତ୍ ଅହେମଦୀୟା ଜଲ୍‌ସା ପ୍ରତିଷ୍ଠା କରୁଛି । ଏ ବର୍ଷ ମଧ୍ୟ ବହୁତ ଶ୍ରଦ୍ଧା ଓ ଆସ୍ଥାର ସହିତ ଏହି ଜଲ୍‌ସା ପାଳନ କରାଯାଉଛି । କେବଳ ଏହି ଗୋଟିଏ ଦିନ ସର୍ବଧର୍ମ ସମ୍ମିଳନୀ ଯମାତ ପାଳନ କରୁନାହିଁ ବରଂ ବର୍ଷ ତମାମ ପାଳନ କରୁଛି । ମୋର ଯମାତ୍ ସହିତ ସେହିପରି ସମ୍ପର୍କ ଅଛି ଯେପରି ହରମିନ୍ଦର୍ ସାହେବଙ୍କ ସହିତ ମୋର ଅଛି । ହରମିନ୍ଦର ସାହିବ୍‌ଙ୍କ ମୂଳଦୁଆ ଜଣେ ମୁସଲମାନ୍ ଫକିର ମିଆଁ ମିର୍‌ଜି ରଖିଥିଲେ । ଧର୍ମ ସମସ୍ତଙ୍କୁ ଯୋଡ଼ିଥାଏ । ଯମାତ ଅହେମଦୀୟା ପୁରା ଦୁନିଆରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଚେଷ୍ଟା କରି ଚଳିଛି ଯେ କିପରି ଏ ସଂସାରକୁ ତୃତୀୟ ବିଶ୍ୱଯୁଦ୍ଧ କବଳରୁ ବଂଚାଯାଇପାରିବ । ସେ ଇଣ୍ଡୋନେସିଆରୁ ବିଶେଷ ଉଡ଼ାଜାହାଜ ଦ୍ୱାରା ଅହେମଦୀମାନେ କାଦିଆନ୍ ଅସିଥିବାରୁ ଖୁସି ଅନୁଭବ କଲେ ।

(୧୨)***ଯନାବ ହରବିନ୍ଦର୍ ସିଂ ଟାହିଲିୱାଲେ*** -ସେ ଜଲ୍‌ସାର ଶୁଭେଚ୍ଛା ଦେଇ କହିଲେ ଯେ ଏହିପରି ଯଦି ପୁରା ଦୁନିଆରେ ଜଲ୍‌ସା ଜାରି ରହିବ ତେବେ ସଂସାରରେ ଶାନ୍ତି ସ୍ଥାପନ ହୋଇପାରିବ । ମୁଁ ବହୁତ ଗୁଡ଼ିଏ ଗ୍ରନ୍ଥ ପଢ଼ିଛି । କୌଣସି ଗ୍ରନ୍ଥ ଘୃଣାର କଥା କହିନାହାଁନ୍ତି । ସମସ୍ତେ ପ୍ରେମର କଥା କହିଛନ୍ତି । ମତେ ବହୁତ ଗର୍ବ ଅନୁଭବ ହେଉଛି ଯେ ଯେଉଁ ଜଲ୍‌ସା ୧୨୨ ବର୍ଷ ପୂର୍ବେ ମିର୍ଜା ସାହେବ ଆରମ୍ଭ କରିଥିଲେ ସେଥିରେ ମୁଁ ଯୋଗ ଦେଇଛି । ଶାନ୍ତି ପ୍ରତିଷ୍ଠା କରିବାକୁ ହେଲେ ଆମ ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ ।

ଏହି ଅବସରରେ ସର୍ଦାର ଭୁପିନ୍ଦର୍ ସିଂ ହାଲେଣ୍ଡ ଏବଂ ସନ୍ଥ ବାବା ଦଲେର୍ ସିଂ ସାହେବ କପୁରଥଲାଙ୍କୁ ମଧ୍ୟ ଯମାତ୍ ତରଫରୁ ସମ୍ମାନିତ କରାଗଲା । ତା ପରେ ସଭାପତି ମହୋଦୟଙ୍କ ଅନୁମତି କ୍ରମେ ଜଲ୍‌ସା ସାଙ୍ଗ କରି ଦିଆଗଲା ।

***୨୮ ଡ଼ିସେମ୍ବର ୨୦୧୬ (ବୁଧବାର)***

***ତୃତୀୟ ଦିବସର ପ୍ରଥମ ସଭା***

ଜଲ୍‌ସାର ତୃତୀୟ ଦିନର ପ୍ରଥମ ସଭାରେ ଶ୍ରୀମାନ୍ ସିରାଜ୍ ଅହେମଦ୍ ସାହେବ ଏଡ଼ିଶିନାଲ୍ ନାଜିର୍ ଆଲା ଜୁନୁବିହିନ୍ଦ୍ କାଦିଆନ୍ ସଭାପତିତ୍ୱ କଲେ । ଶ୍ରୀମାନ୍ ହାଫିଜ୍ ନକିବୁଲ୍ ଅମିନ୍ ସାହେବ ମୋଅଲ୍ଲିମ୍ ନଜାରତ୍ ଇସ୍‌ଲାହୋ ଇର୍‌ଶାଦ୍ ତାଲିମୁଲ୍ କୁରୁଆନ୍ ଓ୍ୱ ୱକ୍‌ଫେ ଆରଜି, ସୁରା ନହଲ୍‌ର ଆୟତ ନଂ ୯୦-୯୨ ଆବୃତି କଲେ ଓ ଅନୁବାଦ ମଧ୍ୟ ପଢ଼ି ଶୁଣାଇଲେ । ଶ୍ରୀମାନ୍ ରିଜୁଆନ୍ ଅହେମଦ୍ ନାସିର୍ ସାହେବ୍, ଶିକ୍ଷକ ଯାମିଆ ଅହେମଦୀୟା କାଦିଆନ୍, ହଜରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅ ଙ୍କ କବିତା -*'ଦୋ ଘଡ଼ି ସବର୍ ସେ କାମ୍ ଲୋ ସାଥିଓ'* ର କିଛି ପଦ ଲଳିତ ସ୍ୱରରେ ପଢ଼ି ଶୁଣାଇଲେ ।

ଏହି ଜଲ୍‌ସାର ପ୍ରଥମ ତକ୍‌ରିର୍ 'ସିରତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ (ଆଁ ହଜରତ୍ ସ:ଆ:ସ କେଲିଏ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କା ଜଜ୍‌ବାଏ ଫିଦାଇୟତ୍) । ଶ୍ରୀମାନ୍ ମୌଲାନା ସୁଲ୍‌ତାନା ଅହେମଦ୍ ଜଫର୍ ସାହେବ, ନାଜିମ୍ ଇର୍‌ସାଦ୍ ଓ୍ୱକ୍‌ଫେ ଜଦିଦ୍

*ଅବଶିଷ୍ଟାଂଶ ପୃଷ୍ଠା-୭ରେ ଦେଖନ୍ତୁ......*

# ଖୁତ୍‌ବା ଜୁମା

◆ ସମଗ୍ର ବିଶ୍ୱରେ ଲୋକମାନେ ଜାନୁୟାରୀ ୧ରୁ ନୂତନ ବର୍ଷର ଆରମ୍ଭ କରି ୩୧ ଡ଼ିସେମ୍ବରରେ ବର୍ଷ ଶେଷ କରିଥାନ୍ତି । ଏପରି ବର୍ଷ ଆରମ୍ଭ ହୋଇ ବାର ମାସ ଅତିବାହିତ ହେବା ପରେ ଶେଷ ହୋଇଥାଏ । ତେବେ ସେ ଚନ୍ଦ୍ର ଗଣନା କ୍ୟାଲେଣ୍ଡର ହେଉ ଅବା ସୂର୍ଯ୍ୟ ଗଣନା କ୍ୟାଲେଣ୍ଡର, ସଂସାରବାସୀ (ବର୍ଷର ଶେଷ ଓ ଆରମ୍ଭ) ମଜା ମଜଲିସ୍, ନାଚଗୀତ ଓ କୋଳାହଳରେ ମାତି ଅତିବାହିତ କରିଥାନ୍ତି । ସେଥିରେ ମୁସଲମାନମାନେ ଓ ଅଣମୁସଲମାନ ଉଭୟ ସାମିଲ ଥାନ୍ତି । ବିଶେଷକରି ପାଶ୍ଚାତ୍ୟ ତଥା ବିକାଶଶୀଳ ରାଷ୍ଟ୍ରମାନେ ଓ ଅନ୍ୟାନ୍ୟ ରାଷ୍ଟ୍ରମାନେ ମଧ୍ୟ ଡ଼ିସେମ୍ବର ୩୧ ତାରିଖ ଓ ଜାନୁୟାରୀ ୧ ତାରିଖ ମଧ୍ୟରାତ୍ରୀରେ ନାଚଗୀତ ଓ ମଜାମଜଲିସ୍‌ରେ ମାତି ଥାନ୍ତି । କେବଳ କୋଳାହଳ, ଚିତ୍କାର ଓ ମାଂସ, ମଦ୍ୟପାନ କରି ନାଚଗୀତରେ ସମ୍ପୂର୍ଣ୍ଣ ରାତି ବିତାଇ ଦେଇଥାନ୍ତି । ଏପରି ଅଭଦ୍ର ଓ ମନ୍ଦ କର୍ମରେ ଲିପ୍ତ ରହି ବର୍ଷର ଶେଷ ଓ ନୂତନ ବର୍ଷର ଆରମ୍ଭ କରିଥାନ୍ତି ।

◆ ପୃଥିବୀର ଅଧିକାଂଶ ଲୋକଙ୍କର ଧାର୍ମିକ ଦୃଷ୍ଟି ଶକ୍ତି ତ ଅନ୍ଧ ହୋଇସାରିଛି । ସୁତରାଂ ସେମାନଙ୍କ ଦୃଷ୍ଟି ତ ସେପର୍ଯ୍ୟନ୍ତ ପହଂଚି ପାରିବ ନାହିଁ ଯେଉଁ ପର୍ଯ୍ୟନ୍ତ ଜଣେ ମୋମିନ୍‌ର (ଦୃଷ୍ଟି) ପହଂଚିଥାଏ ।

◆ ଜଣେ ମୋମିନକୁ ଏପରି ଅପକର୍ମରୁ କେବଳ ନିବୃତ୍ତ ରହିବାର ନାହିଁ ବରଂ ଏପରି କର୍ମକୁ ଘୃଣା କରିବା ମଧ୍ୟ ଆବଶ୍ୟକ ଏବଂ ନିଜର ନିରିକ୍ଷଣ କରିବା ଉଚିତ୍ କି ତା ଜୀବନରେ ଗୋଟିଏ ବର୍ଷ ଆସି ଚାଲିଗଲା କିନ୍ତୁ ସେ ତାହକୁ କଣ ଦେଲା ଓ କଣ ନେଇଗଲା । ଆମେ ଉକ୍ତ ବର୍ଷରେ କଣ ହାସଲ କଲେ ଓ କଣ ହରାଇଲେ । ଜଣେ ମୋମିନ କଣ ସାଂସାରିକ ଦୃଷ୍ଟି କୋଣରୁ ଦେଖିଥାଏ କି ସେ କଣ ହାସଲ କରିଛି ଓ କଣ ହରାଇଛି ଏବଂ ତାହାର ଧାର୍ମିକ ଅବସ୍ଥା କେତେ ଉନ୍ନତି ଘଟିଛି । ସେହିପରି ତାହାର ଆଧାତ୍ମିକ ସ୍ତରରେ କେତେ ଉନ୍ନତି ଅବା ଅବନତି ହୋଇଛି । ଏଥିପାଇଁ କେଉଁ ସ୍ତରକୁ ମାପଦଣ୍ଡ ଭାବରେ ରଖି ଲାଭ କ୍ଷତିର ବିଚାର କରାଯିବ ।

◆ ଆମେ ଅହେମଦିମାନେ ଅତ୍ୟନ୍ତ ଭାଗ୍ୟବାନ ଯେ ଅଲ୍ଲାଃତାଲା ଆମ୍ଭକୁ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିବାର ଶକ୍ତି ପ୍ରଦାନ କରିଛନ୍ତି । ଯେ ଆମ୍ଭ ନିକଟରେ ଅଲ୍ଲାଃ ଓ ରସୁଲଙ୍କ ଶିକ୍ଷାର ସାରମର୍ମ ରଖି ଦେଇଛନ୍ତି ଏବଂ ଆମ୍ଭକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ତୁମେ ଏହି ସ୍ତରକୁ ସମ୍ମୁଖରେ ରଖି ନିଜର ନିରିକ୍ଷଣ କଲେ ଜାଣିପାରିବ ଯେ ତୁମେ ନିଜ ଜୀବନର ଲକ୍ଷ ହାସଲ କରିନେଇଛ ଅବା କରିବା ପାଇଁ ଚେଷ୍ଟିତ ଅଛ ନା ନାହିଁ? ଏହି ସ୍ତରକୁ ନିଜ ସମ୍ମୁଖରେ ରଖିଲେ, ତୁମେ ପ୍ରକୃତ ମୋମିନ ହୋଇପାରିବ । ଏହି ସର୍ତ୍ତାବଳୀ ମୁତାବକ ଅମଳ କଲେ, ନିଜ ବିଶ୍ୱାସର ସଠିକ୍ ସ୍ତର ଅନୁମାନ କରିପାରିବ । ପ୍ରତ୍ୟେକ ଅହେମଦିଠାରୁ ଆପଣ ବୟତ ନେଲେ ଏବଂ ଉକ୍ତ ବୟତର ସର୍ତ୍ତାବଳୀ ଅନୁଯାୟୀ ତୁମର କାର୍ଯ୍ୟକଳାପ ଏଥି ମୁତାବକ ହେବ ଏବଂ ତାହାର ତୁମେ ପ୍ରତ୍ୟେକ ଦିନ, ସପ୍ତାହ, ମାସ ଓ ବର୍ଷ ନିରିକ୍ଷଣ କରିବା ପାଇଁ ପ୍ରତ୍ୟେକ ଅହେମଦିଠାରୁ ଆଶା ପୋଷଣ କରିଛନ୍ତି ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୩୦ ଡ଼ିସେମ୍ବର ୨୦୧୬ ଅନୁଯାୟୀ ୩୦ ଫତାଃ ୧୩୯୫ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ ـ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କହିଲେ-ଦୁଇ ଦିନ ପରେ ନୂତନ ବର୍ଷ ଆରମ୍ଭ ହେବ । ମୁସଲମାନମାନେ ଚନ୍ଦ୍ର ଗଣନା ଓ ସୂର୍ଯ୍ୟ ଗଣନା ଉଭୟ ପ୍ରକାରର କ୍ୟାଲେଣ୍ଡର ବ୍ୟବହାର କରୁଛନ୍ତି । ଅତୀତରେ କେବଳ ମୁସଲମାନ ନୁହେଁ ବରଂ ଅନେକ ଗୋଷ୍ଠୀ ଚନ୍ଦ୍ର ଗଣନା କ୍ୟାଲେଣ୍ଡର ବ୍ୟବହାର କରୁଥିଲେ । ଯେପରିକି ଚୀନ, ହିନ୍ଦୁ ତଥା ଅନ୍ୟାନ୍ୟ ଗୋଷ୍ଠୀ ସମୂହ । ଇସଲାମର ଆଗମନ ପୂର୍ବରୁ ଆରବ ଦେଶରେ ମଧ୍ୟ ଚନ୍ଦ୍ର ଗଣନା ଅନୁଯାୟୀ କ୍ୟାଲେଣ୍ଡର ବ୍ୟବହୃତ ହେଉଥିଲା । ତେବେ ସେ ଯାହା ହେଉ ପୃଥିବୀରେ ସାଧାରଣତଃ ଏହି ଗ୍ରୀଗୋରିୟାନ କ୍ୟାଲେଣ୍ଡର ବ୍ୟବହାର ହେଉଅଛି ଏବଂ ପ୍ରାୟ ସମସ୍ତେ ଏହାର ଗଣନା ବୁଝନ୍ତି । ତେଣୁ ପ୍ରତ୍ୟେକ ଗୋଷ୍ଠୀ ଓ ଦେଶର ଲୋକମାନେ ନିଜ ଦିନ ଓ ମାସର ହିସାବ ନିମନ୍ତେ ଏହାକୁ ବ୍ୟବହାର କରୁଛନ୍ତି । ସୁତରାଂ ସମଗ୍ର ବିଶ୍ୱରେ ଲୋକମାନେ ଜାନୁୟାରୀ ୧ରୁ ନୂତନ ବର୍ଷର ଆରମ୍ଭ କରି ୩୧ ଡ଼ିସେମ୍ବରରେ ବର୍ଷ ଶେଷ କରିଥାନ୍ତି । ଏପରି ବର୍ଷ ଆରମ୍ଭ ହୋଇ ବାର ମାସ ଅତିବାହିତ ହେବା ପରେ ଶେଷ ହୋଇଥାଏ । ତେବେ ସେ ଚନ୍ଦ୍ର ଗଣନା କ୍ୟାଲେଣ୍ଡର ହେଉ ଅବା ସୂର୍ଯ୍ୟ ଗଣନା କ୍ୟାଲେଣ୍ଡର, ସଂସାରବାସୀ (ବର୍ଷର ଶେଷ ଓ ଆରମ୍ଭ) ମଜା ମଜଲିସ୍, ନାଚଗୀତ ଓ କୋଳାହଳରେ ମାତି ଅତିବାହିତ କରିଥାନ୍ତି । ସେଥିରେ ମୁସଲମାନମାନେ ଓ ଅଣମୁସଲମାନ ଉଭୟ ସାମିଲ ଥାନ୍ତି । ବିଶେଷକରି ପାଶ୍ଚାତ୍ୟ ତଥା ବିକାଶଶୀଳ ରାଷ୍ଟ୍ରମାନେ ଓ ଅନ୍ୟାନ୍ୟ ରାଷ୍ଟ୍ରମାନେ ମଧ୍ୟ ଡ଼ିସେମ୍ବର ୩୧ ତାରିଖ ଓ ଜାନୁୟାରୀ ୧ ତାରିଖ ମଧ୍ୟରାତ୍ରୀରେ ନାଚଗୀତ ଓ ମଜାମଜଲିସ୍‌ରେ ମାତି ଥାନ୍ତି । କେବଳ କୋଳାହଳ, ଚିତ୍କାର ଓ ମାଂସ, ମଦ୍ୟପାନ କରି ନାଚଗୀତରେ ସମ୍ପୂର୍ଣ୍ଣ ରାତି ବିତାଇ ଦେଇଥାନ୍ତି । ଏପରି ଅଭଦ୍ର ଓ ମନ୍ଦ କର୍ମରେ ଲିପ୍ତ ରହି ବର୍ଷର ଶେଷ ଓ ନୂତନ ବର୍ଷର ଆରମ୍ଭ କରିଥାନ୍ତି । ପୃଥିବୀର ଅଧିକାଂଶ ଲୋକଙ୍କର ଧାର୍ମିକ ଦୃଷ୍ଟି ଶକ୍ତି ତ ଅନ୍ଧ ହୋଇସାରିଛି । ସୁତରାଂ ସେମାନଙ୍କ ଦୃଷ୍ଟି ତ ସେପର୍ଯ୍ୟନ୍ତ ପହଂଚି ପାରିବ ନାହିଁ ଯେଉଁ ପର୍ଯ୍ୟନ୍ତ ଜଣେ ମୋମିନ୍‌ର (ଦୃଷ୍ଟି) ପହଂଚିଥାଏ । ଜଣେ ମୋମିନକୁ ଏପରି ଅପକର୍ମରୁ କେବଳ ନିବୃତ୍ତ ରହିବାର ନାହିଁ ବରଂ ଏପରି କର୍ମକୁ ଘୃଣା କରିବା ମଧ୍ୟ ଆବଶ୍ୟକ ଏବଂ ନିଜର ନିରିକ୍ଷଣ କରିବା ଉଚିତ୍ କି ତା ଜୀବନରେ ଗୋଟିଏ ବର୍ଷ ଆସି ଚାଲିଗଲା କିନ୍ତୁ ସେ ତାହକୁ କଣ ଦେଲା ଓ କଣ ନେଇଗଲା । ଆମେ ଉକ୍ତ ବର୍ଷରେ କଣ ହାସଲ କଲେ ଓ କଣ ହରାଇଲେ । ଜଣେ ମୋମିନ କଣ ସାଂସାରିକ ଦୃଷ୍ଟି କୋଣରୁ ଦେଖିଥାଏ କି ସେ କଣ ହାସଲ କରିଛି ଓ କଣ ହରାଇଛି ଏବଂ ତାହାର ଧାର୍ମିକ ଅବସ୍ଥା କେତେ ଉନ୍ନତି ଘଟିଛି । ସେହିପରି ତାହାର ଆଧାତ୍ମିକ ସ୍ତରରେ କେତେ ଉନ୍ନତି ଅବା ଅବନତି ହୋଇଛି । ଏଥିପାଇଁ କେଉଁ ସ୍ତରକୁ ମାପଦଣ୍ଡ ଭାବରେ ରଖି ଲାଭ କ୍ଷତିର ବିଚାର କରାଯିବ ।

ଆମେ ଅହେମଦିମାନେ ଅତ୍ୟନ୍ତ ଭାଗ୍ୟବାନ ଯେ ଅଲ୍ଲାଃତାଲା ଆମ୍ଭକୁ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିବାର ଶକ୍ତି ପ୍ରଦାନ କରିଛନ୍ତି । ଯେ ଆମ୍ଭ ନିକଟରେ ଅଲ୍ଲାଃ ଓ ରସୁଲଙ୍କ ଶିକ୍ଷାର ସାରମର୍ମ ରଖି ଦେଇଛନ୍ତି ଏବଂ ଆମ୍ଭକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ତୁମେ ଏହି ସ୍ତରକୁ ସମ୍ମୁଖରେ ରଖି ନିଜର ନିରିକ୍ଷଣ କଲେ ଜାଣିପାରିବ ଯେ ତୁମେ ନିଜ ଜୀବନର ଲକ୍ଷ ହାସଲ କରିନେଇଛ ଅବା କରିବା ପାଇଁ ଚେଷ୍ଟିତ ଅଛ ନା ନାହିଁ? ଏହି ସ୍ତରକୁ ନିଜ ସମ୍ମୁଖରେ ରଖିଲେ, ତୁମେ ପ୍ରକୃତ ମୋମିନ ହୋଇପାରିବ । ଏହି ସର୍ତ୍ତାବଳୀ ମୁତାବକ ଅମଳ କଲେ, ନିଜ ବିଶ୍ୱାସର ସଠିକ୍ ସ୍ତର ଅନୁମାନ କରିପାରିବ । ପ୍ରତ୍ୟେକ ଅହେମଦିଠାରୁ ଆପଣ ବୟତ ନେଲେ ଏବଂ ଉକ୍ତ ବୟତର ସର୍ତ୍ତାବଳୀ ଅନୁଯାୟୀ ତୁମର କାର୍ଯ୍ୟକଳାପ ଏଥି ମୁତାବକ ହେବ ଏବଂ ତାହାର ତୁମେ ପ୍ରତ୍ୟେକ ଦିନ, ସପ୍ତାହ, ମାସ ଓ ବର୍ଷ ନିରିକ୍ଷଣ କରିବା ପାଇଁ ପ୍ରତ୍ୟେକ ଅହେମଦିଠାରୁ ଆଶା ପୋଷଣ କରିଛନ୍ତି ।

ସୁତରାଂ ଯଦି ତୁମେ ବର୍ଷର ଶେଷ ଓ ନୂତନ ବର୍ଷର ଆରମ୍ଭ ନିଜର ନିରିକ୍ଷଣ ଓ ଦୁଆ ଦ୍ୱାରା କରିବ ତେବେ ତୁମେ ନିଜର ଅନ୍ତିମ ପରିଣାମର ସୁଧାରକାରୀ ହୋଇପାରିବ କିନ୍ତୁ ଯଦି ଆମେ ଅନ୍ୟମାନଙ୍କ ପରି ପରସ୍ପରକୁ କେବଳ ନୂତନ ବର୍ଷର ଅଭିନନ୍ଦନ ଓ ସାଂସାରିକ କାର୍ଯ୍ୟ ଦ୍ୱାରା ନୂତନ ବର୍ଷର ଆରମ୍ଭ କରିବା ତେବେ ଆମେ ବହୁତ କିଛି ହରାଇ ବସିବା କିନ୍ତୁ କିଛି ହେଲେ ହାସଲ କରିପାରିବା ନାହିଁ ଅବା ଖୁବ୍ କମ୍ ହାସଲ କରିଥିବା । ଯଦି ଦୋଷତ୍ରୁଟୀ ରହିଯାଏ ଏବଂ ଆମର ନିରିକ୍ଷଣ

ଆମ୍ଭକୁ ସାନ୍ତ୍ୱନା ପ୍ରଦାନ କରି ନଥାଏ ତେବେ ଆମ୍ଭକୁ ଦୁଆ କରିବା ଉଚିତ୍ କି ନୂତନ ବର୍ଷରେ ଅଲ୍ଲାଃତାଲା ଆମ୍ଭର ଆଧାତ୍ମିକ ଦୁର୍ବଳତାକୁ ଦୂର କରି ଆମ୍ଭକୁ ନିଜ ପ୍ରଶନ୍ନତା ଲାଭ କରିବାର ଶକ୍ତି ପ୍ରଦାନ କରନ୍ତୁ । ଆମ୍ଭର ପ୍ରତ୍ୟେକ ଦିନ ହଜରତ ମହମ୍ମଦ ସ.ଆଙ୍କ ଅନୁସରଣ କରିବାରେ ଅତିବାହିତ ହେଉ । ଆମ୍ଭର ଦିବାରାତ୍ରୀ ହଜରତ ମସିହ ମଉଦ ଆ.ସଙ୍କ କରିଥିବା ବୟତର ସର୍ତାବଳୀ ପୂରଣ କରିବାରେ ଅତିବାହିତ ହେଉ । ସେହି ପ୍ରତିଶୃତୀ ଯାହାକି ଆମେ ଶିରକରୁ ନିବୃତ ରହିବାର କରିଅଛେ, ତାହା କେବଳ ପ୍ରତୀମା ଓ ସୂର୍ଯ୍ୟ ଚନ୍ଦ୍ରର ପୂଜା କରିବାର ନୁହେଁ ବରଂ ହଜରତ ମହମ୍ମଦ ସ.ଆଙ୍କ କହିବା ଅନୁଯାୟୀ ସେହି କାର୍ଯ୍ୟ ଯାହାକି ଲୋକ ଦେଖାଣିଆ ତଥା ନିଜ କାମନା ପୂରଣ ନିମନ୍ତେ ଉର୍ଦ୍ଧିଷ୍ଟ ତାହା ମଧ୍ୟ ଶିରକ୍ ଅଟେ । ସୁତରାଂ ଏ ସମସ୍ତ ଶିରକରୁ ନିବୃତ ରହିବା ଉଚିତ୍ । ***(ମସ୍ନଦ୍ ଅହ୍ମଦ୍ ବିନ୍ ହମ୍ବଲ, ଖଣ୍ଡ-୪, ପୃଷ୍ଠା-୮୦୦-୮୦୧)*** ଆମର ନମାଜ, ରୋଜା, ଦାନ ଦକ୍ଷିଣା କରିବା, ମାନବ ସେବା ତଥା ଆମ୍ଭର ଜମାଅତର କାର୍ଯ୍ୟ ପାଇଁ ସମୟ ଦେବା ଇତ୍ୟାଦି ଅଲ୍ଲାଃଙ୍କ ପ୍ରଶନ୍ନତା ଲାଭ କରିବା ପରିବର୍ତେ ଅନ୍ୟ କାହାରିକୁ ଖୁସି କରିବା ଅବା ଲୋକ ଦେଖାଣିଆ ତ ନୁହେଁ । ଆମ୍ଭ ହୃଦୟରେ ଲୁକାୟିତ କାମନା ଅଲ୍ଲାଃଙ୍କ ମୁକାବିଲାରେ ତ ଛିଡ଼ା ହୋଇ ନାହିଁ । ଏହାର ସ୍ପଷ୍ଟୀକରଣ କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏପରି କହିଲେ ଯେ ଆପଣ କହିଲେ ''ଏକେଶ୍ୱରବାଦ କେବଳ ତାର ନାଁ ନୁହେଁ ଯେ କେବଳ ମୁହଁରୁ ଲା ଇଲାହା ଇଲ୍ଲାହୋ କହିବା ଏବଂ ମନ ଭିତରେ ହଜାରେ ଠାକୁର ରଖିବା ବରଂ ଯେଉଁବ୍ୟକ୍ତି କୌଣସି କାମକୁ ବା କୌଣସି ତଦ୍‌ବିର୍‌କୁ ସେହି ସ୍ଥାନ ଦେଉଛି ଯେଉଁ ସ୍ଥାନ ଅଲ୍ଲାଙ୍କୁ ଦେବା କଥା । ଏପରି ଅବସ୍ଥାରେ ସେ ଅଲ୍ଲାଃତାଲାଙ୍କ ନିକଟରେ ବୁତ୍‌ପରସ୍ତ (ପ୍ରତିମା ପୂଜକ) ବୋଲି ବିବେଚିତ ହୋଇଥାଏ''

***(ସିରାଜୁଦ୍ଦିନ୍ ଇସାଇକେ ଚର୍ ସଓ୍ୱାଲୋଁ କା ଜଓ୍ୱାବ୍-ରୁହାନି ଖଜାଏନ୍ ଖଣ୍ଡ-୧୨, ପୃଷ୍ଠା-୩୪୯)***

ତେଣୁ ଏହି କଥାକୁ ସାମ୍ନାରେ ରଖି ନିଜର ଅବଲୋକନ କରିବା ଉଚିତ୍ ।

ଉକ୍ତ ପ୍ରଶ୍ନ ଅନ୍ତେ ଏହି ପ୍ରଶ୍ନ ହୋଇଥାଏ କି କଣ ଆମେ ମିଥ୍ୟାରୁ ସମ୍ପୂର୍ଣ୍ଣ ରୂପେ ପବିତ୍ର ହୋଇ ସତ୍ୟନିଷ୍ଠାର ସହ ବିଗତ ବର୍ଷ ଅତିବାହିତ କଲେ । ହଜରତ ମସିହ ମଉଦ ଆ.ସ ଏଥିପାଇଁ ଏହି ସ୍ତର ଧାର୍ଯ୍ୟ କରିଛନ୍ତି କି ଯେପର୍ଯ୍ୟନ୍ତ ମଣିଷ ନିଜ କାମନା ପୂଣରୁ ସପୂର୍ଣ୍ଣ ରୂପେ ଅଲଗା ହୋଇ ନାହିଁ ଯାହାକି ସତ କହିବାରେ ପ୍ରତିବନ୍ଧକ ସାଜିଥାଏ ସେପର୍ଯ୍ୟନ୍ତ କେହି ସତ୍ୟତାରେ ପ୍ରତିଷ୍ଠିତ ହୋଇନଥାଏ । ହଜୁର କୁହନ୍ତି ସତ କହିବାର ସବୁଠାରୁ ବଡ଼ ଭାରୀ ସ୍ଥାନ ଓ କାଳ ଏହା ଅଟେ କି ଯେଉଁଠାରେ ନିଜ ଜୀବନ, ଧନ ଓ ସମ୍ମାନ ପ୍ରତି ବିପଦ ଥାଏ ।

***(ଇସ୍‌ଲାମି ଓ୍ୱସୁଲ କି ଫିଲାସଫି - ରୁହାନି ଖଜାଏନ୍ ଖଣ୍ଡ-୧୦, ପୃଷ୍ଠା-୩୬୦)***

ପୁଣି ପ୍ରଶ୍ନ ହୋଇଥାଏ କି କଣ ଆମ୍ଭେ ଏପରି ଆୟୋଜନରୁ ଦୂରେଇ ରହୁଛେ ଯେଉଁଠାରୁ ମନ୍ଦ ଚିନ୍ତାଧାରା ହୃଦୟରେ ଜନ୍ମ ଲାଭ କରିଥାଏ । ଯେପରି ଆଜିକାଲି ଟି.ଭି ଓ ଇଣ୍ଟରନେଟ ଇତ୍ୟାଦି ରହିଛି । ଯେଉଁଥିରେ ଏଭଳି କାର୍ଯ୍ୟକ୍ରମମାନ ପ୍ରସାରିତ ହେଉଛି ଯାହାକି ଚିନ୍ତାଧାରାକୁ ଅପବିତ୍ର କରିବାର ମାଧ୍ୟମ ସାଜିଥାଏ । କଣ ଆମେ ଏଭଳି ଜିନିଷରୁ ନିଜକୁ ରକ୍ଷା କରିବା ପାଇଁ ଚେଷ୍ଟା କରୁଅଛେ । ଯଦି ଆମେ ଉକ୍ତ ମାଧ୍ୟମ ଦ୍ୱାରା ଖରାପ ଚଳଚିତ୍ର ଓ କାର୍ଯ୍ୟକ୍ରମ ଦେଖୁଅଛେ ତେବେ ନିଜ ବୟତର ପ୍ରତିଶୃତୀକୁ ଭଙ୍ଗ କରୁଅଛେ ଏବଂ ଆମ୍ଭର ଅବସ୍ଥା ଚିନ୍ତା କରିବା ଯୋଗ୍ୟ ଅଟେ । କାରଣ ଏଭଳି କର୍ମ (ମଣିଷକୁ) ଏକ ପ୍ରକାର କୁକର୍ମ କରିବା ଆଡ଼କୁ ଟାଣି ନେଇଥାଏ । ପୁଣି ପ୍ରଶ୍ନ ହୋଇଥାଏ କି କଣ କାହାରିକୁ ଖରାପ ଦୃଷ୍ଟିରେ ଦେଖିବାରୁ ନିଜକୁ ନିବୃତ ରଖିବା ପାଇଁ ଚେଷ୍ଟା କରିଥିଲେ ? ଏହି ଆଦେଶ ଉଭୟ ପୁରୁଷ ଓ ମହିଳାମାନଙ୍କ ପାଇଁ ସମାନ ଅଟେ । କାରଣ ଏତତ୍ ଦ୍ୱାରା ଜଣେ ଅନେକ ପାପର ଅଧିକାରୀ ହୋଇଥାଏ । ତେଣୁ ନିଜ ଦୃଷ୍ଟି ସର୍ବଦା ନିମ୍ନଗାମୀ ରଖିବାର ଆଦେଶ ଦିଆଯାଇଛି । ପୁଣି ପ୍ରଶ୍ନ ହୋଇଥାଏ କି କଣ ମିଥ୍ୟା, ଗାଳି ଗୁଲଜ ଓ ଏହିପରି ସମସ୍ତ ଅପକର୍ମରୁ ଆମେ ବିଗତ ବର୍ଷ ନିବୃତ ରହିବା ପାଇଁ ପ୍ରଚେଷ୍ଟା ଅବ୍ୟାହତ ରଖିଥିଲେ ? ହଜରତ ମହମ୍ମଦ ସ.ଆ କୁହନ୍ତି ମୋମିନ ସହ ଗାଳିଗୁଲଜ କରିବା ଫିସକ୍ ଅଟେ । *(ମସ୍ନଦ୍ ଅହେମଦ୍‌ବିନ୍ ହମ୍ବଲ ଖଣ୍ଡ-୨, ପୃଷ୍ଠା-୧୫୩)* ଝଗଡ଼ା, ପାଟିତୁଣ୍ଡ କଲାବେଳେ ମଣିଷ କଠୋର ଶବ୍ଦ ପ୍ରୟୋଗ କରିଥାଏ ଏବଂ କଦାଚିତ୍ ଅଶୋଭନୀୟ ଭାଷାର ମଧ୍ୟ ବ୍ୟବହାର କରିଦିଏ । ଯେତେବେଳେ ଜଣେ ମୋମିନ ଅନ୍ୟ ଏକ ମୋମିନ କିମ୍ବା କୌଣସି ବ୍ୟକ୍ତି ସହ ଏଭଳି ଆଚରଣ କରେ ତେବେ ତାହା ଫିସକ୍ ଅଟେ ।

ପୁଣି ଆପଣ କହିଲେ ତାଜିର୍ ଫାଜିର୍ ହୋଇଥାନ୍ତି । କୁହାଗଲା ଏହା ତ ହଲାଲ୍ ଅଟେ । ଅର୍ଥାତ୍ ତେଜାରତ୍ (ବେପାର) କରିବା ହଲାଲ୍ ଅଟେ । ଆପଣ ସ:ଆ:ସ କହିଲେ କିନ୍ତୁ ଯେବେ ଏମାନେ ସୌଦା କରନ୍ତି ତ ମିଛ କୁହନ୍ତି ଏବଂ ରାଣ ଖାଇ ଖାଇ ଏହାର ଦାମ୍ ବଢ଼ାଇ ଦେଇଥାନ୍ତି । ଏହିପରି ଆପଣ କୃତଜ୍ଞତା ପୋଷଣ ଓ ସହନଶୀଳତା କରୁନଥିବା ବ୍ୟକ୍ତିଙ୍କୁ ମଧ୍ୟ ଫାସିକ୍ ବୋଲି କହିଲେ ।

***(ମସ୍ନଦ୍ ଅହେମଦ୍‌ବିନ୍ ହମ୍ବଲ ଖଣ୍ଡ-୫, ପୃଷ୍ଠା-୩୮୫-୩୮୬)***

ପୁଣି ପ୍ରଶ୍ନ ହୋଇଥାଏ କି କଣ ଆମେ ନିଜକୁ ସମସ୍ତ ପ୍ରକାରର ଅତ୍ୟାଚାରରୁ ନିବୃତ ରଖିଛେ । ହଜରତ ମହମ୍ମଦ ସ.ଆ କୁହନ୍ତି କାହାରି ହାତେ ମାତ୍ର ଜମି ଅନୈତିକ ଭାବରେ ଅଧିକୃତ କରିବା କିମ୍ବା ଗୋଟିଏ ଗୋଡ଼ି ଅସତ୍ ମାର୍ଗରେ ଆତ୍ମସାତ କରିବା ଅତ୍ୟାଚାର ଅଟେ । (ସହି ବୁଖାରି ହଦିସ୍ ନଂ-୨୪୫୨) ଏହା ଆମର ନମୁନା ଯାହା ଉପରେ ଆମେ ଅମଳ କରିବା ଉଚିତ୍ । ପୁଣି ପ୍ରଶ୍ନ ଉଠିଥାଏ କି କଣ ଆମେ ସମସ୍ତ ପ୍ରକାରର ବିଶ୍ୱାସଘାତକତାରୁ ନିଜକୁ ପବିତ୍ର ରଖିଅଛେ । ଦେଖ ହଜୁର ସ.ଆ ଆମକୁ ଆଦେଶ ଦେଇଛନ୍ତି କି ଯେ ତୁମ ସହ ବିଶ୍ୱାସଘାତକତା ପ୍ରଦର୍ଶନ କରୁଅଛି ତାହା ସହ ମଧ୍ୟ ସେହିପରି ଆଚରଣ କର ନାହିଁ । ପୁଣି ପ୍ରଶ୍ନ ହୋଇଥାଏ କି କଣ ଆମେ ସମସ୍ତ ପ୍ରକାରର ବିଦ୍ରୋହ ପ୍ରଦର୍ଶନରୁ ନିବୃତ ରହିଛେ ? ଆପଣ ସ:ଆ:ସ କହିଲେ କି ମନ୍ଦ ପ୍ରବୃତିର ଲୋକ ଫିସାଦି ଅଟନ୍ତି । ଯେଉଁମାନେ ଚୁଗୁଲି କରନ୍ତି ସେମାନେ ମଧ୍ୟ ଫିସାଦି ଅଟନ୍ତି । ଏଠିକାର କଥାକୁ ଅନ୍ୟତ୍ର କହିଥାନ୍ତି । ସେହିପରି ଏଠାରୁ ସେଠାକୁ କଥା ପ୍ରସାର କରିଥାନ୍ତି । ସେହିମାନେ ହିଁ ଫିସାଦି ଅଟନ୍ତି, ଯେଉଁମାନେ ପ୍ରେମ ଓ ସୌହାର୍ଦ୍ଦ୍ୟର ମଧ୍ୟରେ କଥା ବିଗାଡ଼ି ଥାନ୍ତି ସେମାନେ ମଧ୍ୟ ଫିସାଦି ଅଟନ୍ତି । ଯେଉଁମାନେ ଫର୍ମାବର୍ଦ୍ଦାର, ଆଜ୍ଞା ପାଳନ କରିବା ବ୍ୟକ୍ତି, ନେଜାମ୍‌ର ପ୍ରତ୍ୟେକ କଥା ମାନିଥାନ୍ତି ବା ଦିନ୍‌ର ଆଦେଶ ଅନୁଯାୟୀ ଚଳିଥାନ୍ତି ତାଙ୍କୁ କୌଣସି ଖରାପ କର୍ମରେ ସେମାନେ ଲଗାଇବା ପାଇଁ ଚେଷ୍ଟା ଚଳାଇଥାନ୍ତି ବା ପାପ କର୍ମରେ ନିୟୋଜିତ କରିବା ପାଇଁ ଚେଷ୍ଟା କରିଥାନ୍ତି, ସେମାନେ ମଧ୍ୟ ଫିସାଦି ଅଟନ୍ତି । ***(ମସ୍ନଦ୍ ଅହେମଦ୍ ବିନ୍‌ହମ୍ବଲ ଖଣ୍ଡ-୮, ପୃଷ୍ଠା-୯୧୪)*** ସୁତରାଂ ଫିସାଦି ହେବା ଏବଂ ଫିସାଦ୍‌ରୁ ବଂଚିବା ପାଇଁ ଏହା ରାସ୍ତା ଅଟେ ।

ପୁଣି ପ୍ରଶ୍ନ ହୋଇଥାଏ କି କଣ ଆମେ କାମନା ପୂରଣର ବଶବର୍ତୀ ହୋଇ ରହିଯାଇନେ ତ ? ଆଜିର ଯୁଗରେ ଯେତେବେଳେ କି ପ୍ରତ୍ୟେକ ସ୍ଥାନରେ ନିର୍ଲଜତା ନିଜର ପ୍ରସାର ଲାଭ କରି ବସିଛି । ଏପରି ପରିସ୍ଥିତିରେ ନିଜ କାମନା ଉପରେ ସଂଯମ ରକ୍ଷା କରିବା ମଧ୍ୟ ଏକ ଜେହାଦ୍ ଅଟେ । ପୁଣି ପ୍ରଶ୍ନ ହୋଇଥାଏ କି କଣ ଆମେ ପାଂଚ ବେଳା ନମାଜ ପାଠର ଆୟୋଜନ କରୁଅଛେ ଏବଂ ବର୍ଷ ସାରା ନୀୟମିତ ଭାବରେ ପାଠ କରୁଥିଲେ । ପବିତ୍ର କୋରାନର ଅନେକ ସ୍ଥାନରେ ଅଲ୍ଲାଃତାଲା ନମାଜର ଗୁରୁତ୍ୱ ଦର୍ଶାଇଛନ୍ତି । ହଜରତ ମହମ୍ମଦ ସ.ଆ ଏଥିସମ୍ବନ୍ଧରେ କୁହନ୍ତି ନମାଜ ଛାଡ଼ିବା ମଣିଷକୁ ଶିରକ୍ ଓ କୁଫର୍‌ର ନିକଟତର କରିଦେଇଥାଏ ।

***(ସହି ମୁସ୍‌ଲିମ୍ କିତାବୁଲ୍ ଇମାନ୍...ହଦିସ୍ ନଂ-୮୨)***

ପୁଣି ପ୍ରଶ୍ନ ହୋଇଥାଏ କି କଣ ଆମେ ନମାଜ ତହଜୁଦ୍ ପାଠ ପ୍ରତି ଧ୍ୟାନ ଦେଇଥିଲେ । ହଜରତ ମହମ୍ମଦ ସ.ଆ କୁହନ୍ତି ନମାଜ ତହଜୁଦ୍ ପାଠ କରିବାର ଆୟୋଜନ କର ଓ ନିୟମିତ ଭାବରେ ଏହାକୁ ପାଠ କରିବାକୁ ଚେଷ୍ଟା କର । ଏହା ଉତମ ଲୋକମାନଙ୍କର ପନା ତଥା ଅଲ୍ଲାଃଙ୍କ ସାନିଧ ଲାଭ କରିବାର ମାଧ୍ୟମ ଅଟେ । ନମାଜ ତହଜୁଦ୍‌କୁ ଅଭ୍ୟାସରେ ପରିଣତ କରିବା ମଣିଷକୁ ପାପ ମୁକ୍ତ କରିବା ସହ ତାହାର ଦୋଷ କ୍ଷମା କରିବା ଓ ତାହାକୁ ସମସ୍ତ ଶାରୀରିକ ରୋଗରୁ ମଧ୍ୟ ମୁକ୍ତି ପ୍ରଦାନ କରିଥାଏ । ***(ସୁନନେ ତିରମିଜ୍ ହଦିସ୍ ନଂ-୩୫୪୯)***

ପୁଣି ପ୍ରଶ୍ନ ହୋଇଥାଏ କି କଣ ଆମେ ହଜରତ ମହମ୍ମଦ ସ.ଆଙ୍କ ପାଇଁ ନିୟମିତ ଭାବରେ ଦରୁଦ ପାଠ କରୁଥିଲେ କିମ୍ବା କରିବାକୁ ଚେଷ୍ଟା କରୁଥିଲେ । ଏହା ମୋମିନମାନଙ୍କ ପାଇଁ ବିଶେଷ ଆଦେଶମାନ ମଧ୍ୟରୁ ଗୋଟିଏ ଆଦେଶ ଅଟେ । ଆଁ ହଜରତ୍ ସ:ଆ:ସ କହିଲେ ଯଦି ଦରୁଦ୍ ବିନା ଦୁଆ ହୁଏ ତେବେ ତାହା ଆକାଶ ଓ ପୃଥିବୀର ମଝିରେ ଅଟକି ରହିଯାଏ । (ସୁନନେ ତିରମିଜ୍ କିତାବୁସ୍ ସଲାତ୍...ହଦିସ୍ ନଂ-୪୮୬) ଯଦି ତୁମେ ଦରୁଦ୍ ପଢୁନାହଁ କିନ୍ତୁ ଦୁଆ କରି ଚାଲିଛ ତେବେ ଭୂପୃଷ୍ଠରୁ

ଦୁଆ ଉର୍ଦ୍ଧମୁଖୀ ହେବ କିନ୍ତୁ ଆକାଶ ପର୍ଯ୍ୟନ୍ତ ପହଂଚିପାରିବ ନାହିଁ, ମଝିରେ ଅଟକି ଯିବ କାରଣ ସେଥିରେ ସେହି ବିଧି ସାମିଲ୍ ନାହିଁ ଯାହା ଅଲ୍ଲାଃତାଲା ଶିଖାଇଛନ୍ତି । ଆକାଶ ପର୍ଯ୍ୟନ୍ତ ପହଂଚିବା ପାଇଁ ଏହା ଜରୁରୀ ଅଟେ ଯେ ଦୁଆ ସହିତ ଦରୁଦ୍ ମଧ୍ୟ ହେବା ଉଚିତ୍ ।

ପୁଣି ପ୍ରଶ୍ନ ହୋଇଥାଏ କି କଣ ଆମେ ନିୟମିତ ଭାବରେ କ୍ଷମା ପ୍ରାର୍ଥନା କରୁଥିଲେ । ଦେଖ ହଜରତ ମହମ୍ମଦ ସ.ଆ କୁହନ୍ତି କି ଯେଉଁ ବ୍ୟକ୍ତି ସର୍ବଦା କ୍ଷମା ପ୍ରାର୍ଥନା କରିଥାଏ ଅଲ୍ଲାଃତାଲା ତାହା ପାଇଁ ସମସ୍ତ ପ୍ରକାରର ଅସୁବିଧାରୁ ବାହାରି ଆସିବାର ବାଟ ଉନ୍ମୁକ୍ତ କରିଦେଇଥାନ୍ତି ଏବଂ ଏଭଳି ମାର୍ଗରୁ ତାହା ପାଇଁ ଅର୍ଥ ପ୍ରଦାନ କରିଥାନ୍ତି ଯେଉଁଠାରୁ ଆସିବାର ସେ କଦାପି କଳନା ହିଁ କରିନଥାଏ ।
*(ସୁନନେ ଅବିଦାଉଦ୍ ଅବ୍‌ୱାବୁଲ୍ ୱିତର୍...ହଦିସ୍ ନଂ-୧୫୧୮)*

ପୁଣି ପ୍ରଶ୍ନ ହୋଇଥାଏ କି କଣ ଆମେ ଅଲ୍ଲାଃତାଲାଙ୍କ ଗୁଣଗାନ କରିବା ପ୍ରତି ଧ୍ୟାନ ଦେଇଥିଲେ । ଯେପରିକି ହଜୁର ସ.ଆ କହିଛନ୍ତି ଯେଉଁ କାର୍ଯ୍ୟ ଅଲ୍ଲାଃଙ୍କ ନାମ ଓ ତାଙ୍କ ଗୁଣଗାନ ନକରି ଆରମ୍ଭ କରାଯାଇଥାଏ । ତାହା ଅସମ୍ପୂର୍ଣ୍ଣ, ବରକତ ଶୂନ୍ୟ ତଥା ପ୍ରଭାବ ଶୂନ୍ୟ ହୋଇଥାଏ । *(ସୁନନେ ଇବ୍‌ନେ ମାଜା କିତାବୁନ୍ ନିକାହ୍...ହଦିସ ନଂ-୧୮୯୪)*

ପୁଣି ପ୍ରଶ୍ନ ହୋଇଥାଏ କି କଣ ଆମେ ଆପଣା ଓ ପର ସମସ୍ତଙ୍କୁ କୌଣସି ପ୍ରକାର କଷ୍ଟ ଦେବାରୁ ନିବୃତ ରହିଥିଲେ ଏବଂ ଆମର ତୁଣ୍ଡ ଓ ହାତଦ୍ୱାରା କାହାରିକୁ କଷ୍ଟ ପହଂଚି ନାହିଁ ତ ? କଣ ଆମେ କାହାରି ଦୋଷକୁ କ୍ଷମା ଓ ଅଣଦେଖା କରିଛେ । କଣ ନମ୍ର ଆଚରଣ ଆମର ବିଶେଷତା ଥିଲା । କଣ ସୁଖ ଦୁଃଖ, ଅଭାବ ଅନାଟନରେ ଆମେ ଅଲ୍ଲାଃତାଲାଙ୍କ ସହ ବିଶ୍ୱସ୍ତତା ପ୍ରଦର୍ଶନ କରିଛେ । କଦାପି ଅଲ୍ଲାଃଙ୍କ ନିକଟରେ କୌଣସି ଅଭିଯୋଗ କରି ନାହେଁ କି ତମେ ମୋ ଦୁଆ କାହିଁକି ସ୍ୱୀକାର କଲ ନାହିଁ କିମ୍ବା ମୋତେ ଏପରି ବିପତିରେ କାହିଁକି ପକାଇଲ । ପୁଣି ପ୍ରଶ୍ନ ହୋଇଥାଏ କି କଣ ଆମେ ସମସ୍ତ ପ୍ରକାରର କୁପ୍ରଥାରୁ ନିବୃତ ରହିବା ପାଇଁ ଚେଷ୍ଟା କରୁଥିଲେ । ହଜରତ ମହମ୍ମଦ ସ.ଆ କୁହନ୍ତି କି ଏହି ରୀତିନୀତି ଓ କୁପ୍ରଥାମାନ ତୁମକୁ ଅନ୍ଧକାରକୁ ଟାଣି ନେଇଥାଏ । ସୁତରାଂ ସେଥିରୁ ନିବୃତ ରୁହ । *(ସୁନନେ ତିର୍‌ମିଜି କିତାବୁଲ୍ ଇଲମ୍...ହଦିସ୍ ନଂ-୨୬୭୬)*

ପୁଣି ପ୍ରଶ୍ନ ହୋଇଥାଏ କି କଣ ଆମେ କୋରାନ ଓ  ହଜରତ ମହମ୍ମଦ ସ.ଆଙ୍କ ଆଦେଶ ଓ ନୀତିବାଣୀ ମୁତାବକ ଅମଳ କରିବା ପ୍ରତି ଚେଷ୍ଟିତ ରହିଥିଲେ । ପୁଣି ପ୍ରଶ୍ନ ହୋଇଥାଏ କି କଣ ଆମେ ଗର୍ବ ଓ ଅହଂକାରକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିଦେଇଛେ କିମ୍ବା କରିବାକୁ ଚେଷ୍ଟା କରିଛେ । କାରଣ ଶିରକ୍ ପରେ ସର୍ବ ବୃହତ ପାପ ଗର୍ବ ଓ ଅହଂକାର ଅଟେ । ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ଗର୍ବୀ ଲୋକ ଜନ୍ନତ୍ ରେ ପ୍ରବେଶ କରିପାରିବେ ନାହିଁ ଏବଂ ଗର୍ବ ଏହା ଅଟେ ଯେ ମଣିଷ ହକ୍‌ର ଅବମାନନା କରୁ, ଲୋକଙ୍କୁ ହୀନ ଦୃଷ୍ଟିରେ ଦେଖୁ ଏବଂ ତାଙ୍କ ସହିତ ଖରାପ ବ୍ୟବହାର କରୁ । *(ସହି ମୁସ୍‌ଲିମ୍ କିତାବୁଲ୍ ଇମାନ୍... ହଦିସ୍ ନଂ-୯୧)* । ପୁଣି ପ୍ରଶ୍ନ ହୋଇଥାଏ କି କଣ ଆମେ ଉତମ ବ୍ୟବହାର ପ୍ରଦର୍ଶନ କରିବା ଅନ୍ତିମ ସୀମା ପର୍ଯ୍ୟନ୍ତ ପହଂଚିବାକୁ ଚେଷ୍ଟା କରିଛେ । କଣ ଆମେ ନମ୍ର ଓ ସାଧାରଣ ଜୀବନ ଅତିବାହିତ କରିବା ପାଇଁ ପ୍ରଚେଷ୍ଟା କରିଛେ । ମିସ୍‌କିନ୍‌ର ସ୍ଥାନ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦୃଷ୍ଟିରେ କେତେ ବଡ଼ ଅଟେ । ଆଁ ହଜ୍‌ରତ୍ ସ:ଆ:ସ ଦୁଆ କରୁଥିଲେ ଯେ ହେ ଅଲ୍ଲାଃ ! ମୋତେ ମିସ୍‌କିନ୍‌ର ଅବସ୍ଥାରେ ଜୀବିତ ରଖ । ମୋତେ ମିସ୍‌କିନ୍‌ର ଅବସ୍ଥାରେ ମୃତ୍ୟୁ ମଧ୍ୟ ଦିଅ ଏବଂ ମୋତେ ମିସ୍‌କିନ୍ ଗୋଷ୍ଠୀ ମଧ୍ୟରୁ ଉଠାଅ । *(ସୁନନେ ଇବ୍‌ନେ ମାଜା କିତାବୁଜ୍ ଜୋହଦ୍...ହଦିସ୍ ନଂ-୪୧୨୬)*

ପୁଣି ପ୍ରଶ୍ନ ହୋଇଥାଏ କି କଣ ପ୍ରତ୍ୟେକ ଦିନ ଆମ ଭିତରେ ଧର୍ମ ମାର୍ଗରେ ଆଗକୁ ବଢିବା ଓ ତାହାର ସମ୍ମାନ ପ୍ରତି ଉତ୍ସାହ ବଢୁଅଛି । ଧର୍ମକୁ ପ୍ରାଥମିକତା ଦେବାର ବାରମ୍ବାର ଆମେ ଯେଉଁ ପ୍ରଣ କରିଛେ ତାହା କେବଳ ଶବ୍ଦରେ ସୀମିତ ରହିଯାଇ ନାହିଁ ତ ? ପୁଣି ପ୍ରଶ୍ନ ହୋଇଥାଏ କି କଣ ଆମର ଇସଲାମ ପ୍ରତି ଏପରି ପ୍ରେମ ରହିଛି କି ଆମେ ନିଜ ଧନ ସମ୍ପତି, ସମ୍ମାନ ଓ ନିଜ ସନ୍ତାନମାନଙ୍କ ଠାରୁ ତାହାକୁ ଅଧିକ ପ୍ରିୟ ମଣୁଅଛେ । ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ଅଲ୍ଲାଃତାଲା ମୋତେ ଇସ୍‌ଲାମ୍ ଧର୍ମ ଦେଇ ପଠାଇଛନ୍ତି ଓ ଇସ୍‌ଲାମ୍ ଏହା ଅଟେ ଯେ ତୁମେ ତୁମର ଅସ୍ତିତ୍ୱକୁ ଅଲ୍ଲାଃତାଲାଙ୍କ ନିକଟରେ ସମର୍ପି ଦିଅ । ଅନ୍ୟ ଠାକୁରଙ୍କଠାରୁ ଦୂରେଇ ରୁହ । ନମାଜ କାଏମ୍ କର ଏବଂ ଜକାତ୍ ଦିଅ । *(କନଜୁଲ୍ ଆମାଲ୍ ଖଣ୍ଡ-୧, ପୃଷ୍ଠା-୧୫୨ କିତାବୁଲ୍ ଇମାନ୍....ହଦିସ୍ ନଂ-୧୩୭୮...ବେରୁତ୍-୨୦୦୪)*

ପୁଣି ପ୍ରଶ୍ନ ହୋଇଥାଏ କି କଣ ଆମେ ଅଲ୍ଲାଃତାଲାଙ୍କ ସୃଷ୍ଟି ପ୍ରତି ସହାନୁଭୂତି ପ୍ରଦର୍ଶନ କରିବାରେ ବେଶ୍ ଆଗକୁ ବଢିବାକୁ ଚେଷ୍ଟା କରିଛେ । ପୁଣି ପ୍ରଶ୍ନ ହୋଇଥାଏ କି କଣ ଆମେ ନିଜର ସମସ୍ତ ସାମର୍ଥ୍ୟ ବିନିଯୋଗ କରି ଈଶ୍ୱରଙ୍କ ସୃଷ୍ଟିର ଉପକାର ନିମନ୍ତେ ଚେଷ୍ଟିତ ରହିଛେ । ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ପ୍ରତ୍ୟେକ ସୃଷ୍ଟି ଅଲ୍ଲାଃତାଲାଙ୍କର କୁଟୁମ୍ବ ଅଟନ୍ତି । *(ଅଲ୍ ମୋଅଜମଲ୍ ଔସତ୍ ଖଣ୍ଡ-୪, ପୃଷ୍ଠା-୧୫୩...ହଦିସ୍ ନଂ-୫୫୪୧)* ତେଣୁ ଅଲ୍ଲାଃତାଲାଙ୍କୁ ତାଙ୍କ ସୃଷ୍ଟି ମଧ୍ୟରୁ ସେହି ବ୍ୟକ୍ତି ପସନ୍ଦ ଅଟେ ଯିଏ ତାଙ୍କ କୁଟୁମ୍ବଙ୍କ ସହିତ ଉତମ ବ୍ୟବହାର କରିଥାଏ ଏବଂ ତାଙ୍କ ଆବଶ୍ୟକ ସମୟରେ ସାହାଯ୍ୟ କରିଥାଏ ।

ପୁଣି ପ୍ରଶ୍ନ ହୋଇଥାଏ କି କଣ ଆମେ ଏହି ଦୁଆ କରିବା ସହ ନିଜ ସନ୍ତାନମାନଙ୍କୁ ଉପଦେଶ ଦେଉଛେ କି ହଜରତ ମସିହ ମଉଦ ଆ.ସଙ୍କ ଆଜ୍ଞାକାରୀତାର ସ୍ତର ସର୍ବଦା ଆମ୍ଭ ମଧ୍ୟରେ ପ୍ରତିଷ୍ଠିତ ରହୁ ଓ ଏଥିରେ ସର୍ବଦା ଆମେ ଆଗକୁ ବଢିଚାଲୁ । ପୁଣି ପ୍ରଶ୍ନ ହୋଇଥାଏ କି କଣ ଆମେ ହଜୁର ସ.ଆଙ୍କ ସହ ଭାତୃଭାବ ଓ ନିଜ ଆଜ୍ଞାକାରତାର ସ୍ତରକୁ ସେହି ସୀମା ପର୍ଯ୍ୟନ୍ତ ପହଂଚାଇ ପାରିଛେ ଯେଉଁଠାରୁ କି ବାକି ସମସ୍ତ ସାଂସାରିକ ସମ୍ପର୍କ ତୁଚ୍ଛ ଓ ସାମାନ୍ୟ ଦୃଶ୍ୟମାନ ହୋଇଥାଏ । ପୁଣି ପ୍ରଶ୍ନ ହୋଇଥାଏ କି କଣ ଆମେ ଖିଲାଫତ୍ ସହ ବିଶ୍ୱସ୍ତତା ଓ ଆଜ୍ଞାକାରୀତାରେ ବଢିବା ପାଇଁ ନିରନ୍ତର ଦୁଆ କରୁଅଛେ ଏବଂ ନିଜ ସନ୍ତାନମାନଙ୍କୁ ଖିଲାଫତ୍ ସହ ଜଡ଼ିତ ରହିବା ଓ ହଜୁର ଙ୍କ ବିଶ୍ୱସ୍ତ ହେବା ପ୍ରତି ଧ୍ୟାନ ଆକର୍ଷିତ କରିଛେ ତଥା ଏଥିପାଇଁ ଖିଲାଫତ୍ ଓ ଜମାଅତ ପାଇଁ ନିୟମିତ ଭାବରେ ଦୁଆ କରୁଅଛେ ।

ଯଦି ଉପରୋକ୍ତ ଅଧିକାଂଶ ପ୍ରଶ୍ନର ଉତର ସକାରତ୍ମକ ଅଟେ, ତେବେ କିଛି ଦୋଷତ୍ରୁଟି ରହିଯାଇଥିଲେ ମଧ୍ୟ ଆମେ ଏହି ବର୍ଷ ଅନେକ କିଛି ହାସଲ କରିନେଲେ । କିନ୍ତୁ ଯଦି ଉକ୍ତ ଉତରମାନ ସକାରତ୍ମକ ନୁହେଁ ତେବେ ଆମ ପାଇଁ ଚିନ୍ତା କରିବାର ବିଷୟ ଏବଂ ଆମ୍ଭକୁ ନିଜ ଅବସ୍ଥା ପ୍ରତି ଧ୍ୟାନ ଦେବା ଉଚିତ୍ । ତାହାର ଭରଣ ଏପରି ହୋଇପାରିବ କି ଆମେ *(ଡ଼ିସେମ୍ବର ୩୧ ଓ ଜାନୁୟାରୀ ୧ ତାରିଖ)* ରାତ୍ରୀରେ ଦୁଆ କରି ଦୃଢ ସଙ୍କଳ୍ପ କରିବା ଯେ ଅଲ୍ଲାଃତାଲା ଆମ୍ଭର ପୂର୍ବ ଦୋଷ ତ୍ରୁଟୀ ମାର୍ଜନ କରି ନୂତନ ବର୍ଷରେ ଆମ୍ଭକୁ ଏହି ଶକ୍ତି ପ୍ରଦାନ କରନ୍ତୁ କି ଆମେ ହରେଇଥିବା ଲୋକମାନଙ୍କ ମଧ୍ୟରୁ ନହେଉ ବରଂ ସେହି ମୋମିନମାନଙ୍କ ମଧ୍ୟରେ ସାମିଲ ହେଉ ଯେ ଅଲ୍ଲାଃତାଲାଙ୍କ ପ୍ରଶନ୍ନତା ଲାଭ କରିବା ନିମନ୍ତେ ନିଜର ସର୍ବସ୍ୱ ବଳିଦାନ କରିବା ପାଇଁ ପ୍ରସ୍ତୁତ ରହିଥାନ୍ତି ।

ହଜରତ ମସିହ ମଉଦ ଆ.ସଙ୍କର ଏହି ପକ୍ତିଂ ଉପସ୍ଥାପନ କରୁଅଛି ଯାହାକି ଆପଣ ଏକ ପତ୍ରିକାରେ ପ୍ରକାଶିତ କରିଥିଲେ ଯେଉଁଥିରେ ଆପଣ ନିଜ ଜମାଅତକୁ ଉପଦେଶ ଦେଇ କହିଥିଲେ । ମୋର ମାନ୍ୟକାରୀମାନେ ଯେ ଏଠାରେ ଉପସ୍ଥିତ ଅଛନ୍ତି ଅବା ନିଜ ଅଂଚଳରେ ରହିଛନ୍ତି ସେମାନେ ଉତମ ଆଚରଣ, ଈଶ୍ୱର ଭୟକୁ ଏଭଳି ଉଚ୍ଚରୁ ଉଚ୍ଚତର କରନ୍ତୁ କି ବିଭ୍ରାଟ, ଦୁଷ୍ଟାମି ଓ ଅଭଦ୍ରାମି ତୁମ ନିକଟକୁ ଆସି ପାରିବ ନାହିଁ । ସେମାନେ ପାଂଚ ବେଳା ନମାଜ ପାଠର ବନ୍ଦୋବସ୍ତ କରିବା ସହ ନା ମିଛ କହିଥାନ୍ତି ନା କାହାରିକୁ ଅସଭ୍ୟ ବ୍ୟବହାର ପ୍ରଦର୍ଶନ କରିଥାନ୍ତି ନା କୌଣସି ପ୍ରକାରର ଅପକର୍ମରେ ସଂଶ୍ଳିଷ୍ଟ ଥାନ୍ତି, ନା ସେମାନଙ୍କ ହୃଦୟରେ କଦାପି ବିଭ୍ରାଟ ସୃଷ୍ଟି କରିବା, ଦୃଷ୍ଟାମି ଭାବନା ଜାତ ହୋଇଥାଏ । ଅତଏବ ସେମାନେ ସମସ୍ତ ପ୍ରକାରର ବିଦ୍ରୋହ, ମନ୍ଦକର୍ମ, ଅପକଥନ, ଅସଭ୍ୟ ଆଚରଣ ତଥା ସମସ୍ତ ପ୍ରକାରର ଉଗ୍ର ଓ ଉତେଜନାରୁ ନିବୃତ ରହିବା ସହିତ ସମସ୍ତ ପ୍ରକାରର ପାପ କର୍ମରୁ ନିଜକୁ ରକ୍ଷା କରିଥାନ୍ତି । ଜଣେ ପବିତ୍ର ହୃଦୟୀ, ଉତମ ଚରିତ୍ରବନ୍ତ ଭକ୍ତ ହୋଇ ସମସ୍ତ ମାନବ ଜାତି ପ୍ରତି ସହାନୁଭୂତି ପ୍ରଦର୍ଶନ କରିବାକୁ ନିଜର ସିଦ୍ଧାନ୍ତ କରି ନେଇଥାନ୍ତି । କେବଳ ଈଶ୍ୱରଙ୍କୁ ଭୟ କର ଓ ନିଜ ତୁଣ୍ଡ, ହାତ ଓ ହୃଦୟକୁ ସମସ୍ତ ପ୍ରକାରର ଅପବିତ୍ରତା ତଥା ବିଭ୍ରାଟ ସୃଷ୍ଟିକାରୀ ମାର୍ଗ ଓ ବିଶ୍ୱାସଘାତକତାରୁ ରକ୍ଷା କର । ପାଂଚ ବେଳା ନିୟମିତ ଭାବରେ ନମାଜ ପାଠ କରିବା ସହିତ ଅନ୍ୟାୟ, ଅତ୍ୟାଚାର, ଲାଂଚ ନେବା ଓ ଅନ୍ୟାର ଧନ ସମ୍ପତି ଓ ଅଧିକାର ଆତ୍ମସାତ କରିବା, ପକ୍ଷପାତରୁ ନିବୃତ ରହି

ଅସଭ୍ୟ ସଙ୍ଗତ ତ୍ୟାଗ କରିବା ଉଚିତ୍ । ଯଦି ପରବର୍ତୀ ସମୟରେ ପ୍ରମାଣିତ ହୁଏ କି କୌଣସି ଅହେମଦି ଏପରି ମନ୍ଦ ଲୋକଙ୍କ ସହ ସମ୍ପର୍କ ତୁଟାଇ ନାହିଁ ତେବେ ସେ ଅଲ୍ଲାଃଙ୍କ ଆଦେଶ ପାଳନ କରୁ ନାହିଁ ତଥା ସୃଷ୍ଟି ପ୍ରତି ଥିବା ନିଜର କର୍ତବ୍ୟ ନିର୍ବାହ କରୁ ନାହିଁ ଏବଂ ଏପରି ବ୍ୟକ୍ତି ଅତ୍ୟାଚାରୀ, ଦୃଷ୍ଟ ସ୍ୱଭାବି ଓ ଅପକର୍ମୀରେ ଗଣନା ହୋଇଥାଏ । କିମ୍ବା ଯାହାଙ୍କ ହାତରେ ତୁମେ ବୟତ କରିଛ ଯଦି ତାହା ସମ୍ବନ୍ଧରେ କଟୁଭାଷା, ମିଥ୍ୟା ଆରୋପ, ଲାଂଛନା, ଅସଭ୍ୟ ଭାଷା ପ୍ରୟୋଗ କରି ଅଲ୍ଲାଃତାଲାଙ୍କ ଭକ୍ତମାନଙ୍କ ସହ ବିଶ୍ୱାସଘାତକତା କରେ ତେବେ ତୁମକୁ ଆବଶ୍ୟକ କି ତୁମେ ଏପରି ବ୍ୟକ୍ତି ଠାରୁ ସମ୍ପୂର୍ଣ୍ଣ ରୂପେ ସମ୍ପର୍କ ତୁଟାଇ ଦୂରେଇଯାଅ’ (ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି ଯିଏ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଖିଲାପ୍‌ରେ କହିଥାଏ ତା ପାଖରେ ବସନାହିଁ, ତା ସହିତ ସାଙ୍ଗ ହୁଅନାହିଁ ଓ ତା ସାଙ୍ଗରେ ସମ୍ପର୍କ ରଖନାହିଁ କାରଣ ଏମାନେ ବହୁତ ଖଳ ପ୍ରକୃତିର ଲୋକ । ଏହାର ଅର୍ଥ ଏହା ନୁହେଁ ଯେ ତାକୁ ତବ୍‌ଲିଗ୍ କର ନାହିଁ । ଏହାର ଅର୍ଥ ଏହା ଯେ ଅନ୍ୟମାନଙ୍କୁ ତବ୍‌ଲିଗ୍ କରିବାକୁ ତ ପଡ଼ିବ...ଯେଉଁମାନେ ଭଦ୍ର ପ୍ରକୃତିର ଲୋକ ସେମାନେ କଥା ଶୁଣିଥାନ୍ତି ।)

ପୁଣି ଆପଣ କହୁଛନ୍ତି ଯେ ‘କୌଣସି ଧର୍ମ, କୌଣସି ଗୋଷ୍ଠୀ ବା କୌଣସି ଦଳର ଲୋକଙ୍କୁ କ୍ଷତି ପହଂଚାଇବାର କାମନା କରନାହିଁ । ପ୍ରତ୍ୟେକଙ୍କ ପାଇଁ ପ୍ରକୃତ ଉଦଦେଷ୍ଟା ହୁଅ ଏବଂ ଖଳ ପ୍ରକୃତିର ଲୋକ ବଦ୍‌ମାସ୍ ଓ ମୁଫ୍‌ସିଦ୍ ଏବଂ ଖରାପ ଚରିତ୍ରର ଲୋକଙ୍କୁ ତୁମ ସଭାରେ ପ୍ରବେଶ ନ କରାନ୍ତୁ ଓ ତୁମ ଘରେ ମଧ୍ୟ ପ୍ରବେଶ ନ କରାନ୍ତୁ । ଯଦି ଏହା ହେବ ତାହାଲେ ତୁମକୁ ସେମାନେ କଷ୍ଟ ଦେବେ । ପଣି କହିଲେ ଏହି କଥା ଗୁଡିକ ଓ ଏହି ସର୍ତ ଗୁଡିକ ମୁଁ ପ୍ରଥମରୁ କହି ଆସିଛି ।

ଆପଣ କୁହନ୍ତି ମୋ ଜମାଅତର ପ୍ରତ୍ୟେକ ବ୍ୟକ୍ତି ଏହି ଇଚ୍ଛାପତ୍ର ମୁତାବକ ଅମଲ କରିବା ସହିତ ମନେରଖନ୍ତୁ ଯେ ତୁମ ବୈଠକରେ କୌଣସି ପ୍ରକାରର ଥଟ୍ଟା ପରିହାସ, ଅସଦାଚରଣ ନହୁଏ ଏବଂ ତୁମ ପାଇଁ ଆବଶ୍ୟକ କି ତୁମେ ପବିତ୍ର ହୃଦୟ, ପବିତ୍ର ଭାବନାର ସହ ଭୂପୃଷ୍ଠରେ ବସବାସ କର । ମନେରଖ ଯେ, ପ୍ରତ୍ୟେକ ଖରାପ ପ୍ରବୃତିର ମୁକାବିଲା ହୋଇନଥାଏ, ତେଣୁ ଜରୁରୀ ଅଟେ ଯେ ଅନେକ ସମୟରେ କ୍ଷମା କରିବାର ଅଭ୍ୟାସ କର’ (ପ୍ରତ୍ୟେକ ଜାଗାରେ ମୁକାବିଲା କରିବା ଜରୁରୀ ନୁହେଁ, କ୍ଷମା କରିବାର ଅଭ୍ୟାସ ରଖ) ‘‘ଏବଂ ଧୈର୍ଯ୍ୟ ଓ ସହନଶୀଳତାର ସହିତ କାମ କର । କାହା  ଉପରେ ଅବୈଧ ତରିକାରେ ଆକ୍ରମଣ କରନାହିଁ । ନିଜ ମନର ଭାବନାକୁ ଆୟତ କର । ଯଦି କେହି ଯୁକ୍ତି ତର୍କ କରେ ବା କୌଣସି ଧର୍ମୀୟ ବାର୍ତାଳାପ କରେ ତେବେ ନରମ ଶବ୍ଦ ଏବଂ ସୁସଂସ୍କାର ଢ଼ାଂଚାରେ କଥା ହୁଅ । ‘‘ଏବଂ ଯଦି କେହି ମୁର୍ଖତାର ସହିତ ସାମ୍‌ନାକୁ ଆସେ ତେବେ ତାକୁ ସଲାମ୍ କରିଦେଇ ସେହି ସଭାରୁ ଶିଘ୍ର ଉଠିଯାଅ । ଯଦି ତୁମକୁ କଷ୍ଟ ଦିଆଯାଏ ଏବଂ ଗାଳି ଦିଆଯାଏ ଏବଂ ତୁମ ବିପକ୍ଷରେ କୁଭାଷା ପ୍ରୟୋଗ କରାଯାଏ ତେବେ ତୁମେ ହୁସିଆର୍ ହୋଇଯାଅ ଯେ ଏହା ମୃଢ଼ତା ଅଟେ । ମୃଢ଼ତାର ସହିତ ମୁକାବିଲା  ତୁମର ନ ହେଉ ନଚେତ୍ ତୁମେ ବି ସେହିପରି ହୋଇଯିବ ଯେପରି ସେମାନେ ଅଟନ୍ତି । ଅଲ୍ଲାଃତାଲା ଚାହୁଁଛନ୍ତି ଯେ ତୁମକୁ ଏପରି ଏକ ଜମାତ୍ ତିଆରି କରିଦେବେ ଯେ ତୁମେ ସଂସାରବାସୀଙ୍କ ପାଇଁ ପୁଣ୍ୟ ଓ ସତ୍ୟନିଷ୍ଠାର ପ୍ରତିକ ହୋଇଯାଅ । ତେଣୁ ନିଜ ଭିତରୁ ଏପରି ବ୍ୟକ୍ତିଙ୍କୁ ବାହାର କରିଦିଅ ଯିଏ ଖରାପ କାର୍ଯ୍ୟ ବଦ୍‌ମାସ୍ କାର୍ଯ୍ୟ ଏବଂ ଫିତ୍‌ନା ଓ  କୁ କର୍ମର ନମୁନା ଅଟେ । ଯେଉଁ ବ୍ୟକ୍ତି ଆମ ଜମାତ୍‌ରେ ଗରିବ, ପୁଣ୍ୟବାନ୍, ସତ୍ୟବାଦୀ, ସହନଶୀଳ, ମିଷ୍ଟଭାଷୀ ଓ ନେକ୍ ମିଜାଜ୍ ଏବଂ ନେକ୍ ଚାଲି ଚଳନର ସହିତ ରହିପାରିବ ନାହିଁ ସେ ଶୀଘ୍ର ଆମଠାରୁ ଅଲଗା ହୋଇଯାଉ । କାରଣ ଆମର ଅଲ୍ଲାଃ ଚାହାଁନ୍ତି ନାହିଁ ଯେ ଏପରି ବ୍ୟକ୍ତି ଆମ ସହିତ ରହୁ । କାରଣ ନିଶ୍ଚିତ ରୂପେ ସେ ଦୁର୍ଭାଗ୍ୟର ସହିତ ମରିବ କାରଣ ସେ ପୁଣ୍ୟ ରାସ୍ତାକୁ ଗ୍ରହଣ କଲାନାହିଁ । ତେଣୁ ତୁମେ ହୁସିଆର୍ ହୋଇଯାଅ ଏବଂ ପ୍ରକୃତରେ ପୁଣ୍ୟ ଆତ୍ମା, ଗରିବ ଓ ସତ୍ୟବାଦୀ ହୋଇଯାଅ । ତୁମେ ପାଂଚବେଳା ନମାଜ ପାଠ କର ଯଦ୍ୱାରା ନୈତିକ ବ୍ୟକ୍ତିରୂପେ ବିବେଚନା କରାଯିବ । ଯାହାଙ୍କ ପାଖରେ ବଦିର ମଞ୍ଜି ଅଟି ସେ ଏହି ଉପଦେଶ ପାଳନ କରିପାରିବେ ନାହିଁ’ । ପୁଣି କହୁଛନ୍ତି ଯେ ‘ଦର୍‌କାର ଅଛି ଯେ ତୁମର ହୃଦୟ ଧୋକାରୁ ନିବୃତ ରହୁ ଏବଂ ତୁମର ହାତ ଜୁଲମ୍‌ରୁ ଅଲଗା ରହୁ ଏବଂ ତୁମର ଆଖି ଅପବିତ୍ରତାରୁ ଦୂରେଇ ରହୁ ଏବଂ ତୁମ ମଧ୍ୟରେ କେବଳ ସତ୍ୟତା ଓ ସୃଷ୍ଟିର ଉପକାର ଛଡ଼ା ଆଉକିଛି ନ ରହୁ’ । ପୁଣି କହୁଛନ୍ତି ମୋର ସାଙ୍ଗସାଥି ଯେଉଁମାନେ ମୋ ପାଖରେ କାଦିଆନ୍‌ରେ ରହୁଛନ୍ତି ମୁଁ ଆଶା କରୁଛି ସେମାନେ ନିଜ ନିଜର ସାମର୍ଥ୍ୟ ଅନୁଯାୟୁ ଉଚ୍ଚ କୋଟୀର ନମୁନା ଦେଖାଇବେ’ । ପୁଣି କହୁଛନ୍ତି ଯେ ‘ମୁଁ ଚାହୁଁନାହିଁ ଯେ ଏହି ପବିତ୍ର ଜମାତ୍‌ରେ କେବେ କୌଣସି ଏପରି ବ୍ୟକ୍ତି ନ ରହୁ ଯାହାର ଅବସ୍ଥା ସନ୍ଦେହ ଜନକ ଅଟେ ବା ଯାହାର ଚାଲିଚଳନ ଉପରେ ଆକ୍ଷେପ ହୋଇପାରିବ ବା ତା ପ୍ରକୃତିରେ କୌଣସି ପ୍ରକାରର ଫିସାଦି ଥିବ ବା ଏହିପରି ଅନ୍ୟ ପ୍ରକାର କୌଣସି ଅପବିତ୍ରତା ଥିବ । ତେଣୁ ଆମ ଉପରେ ଏହା ଧାର୍ଯ୍ୟ ଅଟେ ଯେ ଯଦି ଆମେ କାହା ବିଷୟରେ କୌଣସି ଅପବାଦ ଶୁଣିବୁ ଯେ ସେ ଅଲ୍ଲାଃତାଲାଙ୍କ ଧାର୍ଯ୍ୟ କରିଥିବା ନିତୀଗୁଡିକୁ ଜାଣିଶୁଣିକରି ନଷ୍ଟ କରିଛି ବୋଲି ବା କୌଣସି ପ୍ରକାର ଥଟ୍ଟା ଓ ବେହୁଦା ମଜ୍‌ଲିସ୍‌ରେ ବସିଛି ବୋଲି ବା ଏହିପରି ଅନ୍ୟ କୌଣସି କୁ କର୍ମ ତା ମଧ୍ୟରେ ଅଛି ବୋଲି । ତେବେ ଯଥାଶିଘ୍ର ତାକୁ ଜମାତ୍‌ରୁ ଅଲଗା କରିଦିଆଯିବ, ପୁଣି ଆପଣ କହୁଛନ୍ତି ‘ପ୍ରକୃତ କଥା ଏଇଆ ଅଟେ ଯେ ଗୋଟିଏ କ୍ଷେତ ଯାହା ପରିଶ୍ରମ ଦ୍ୱାର ତିଆରି କରାଯାଇଛି ଓ ତାକୁ ପ୍ରସ୍ତୁତ କରାଯାଇଛି । ସେଥିରେ ଖରାପ ଗଛ ଗୁଡିକ ମଧ୍ୟ ଜନ୍ମ ନେଇଥାଏ ଯାହାକୁ କାଟି ଦିଆଯାଇଥାଏ ବା ଯାହା ଜଳାଇବା ଯୋଗ୍ୟ ହୋଇଥାଏ । ଏହିପରି ଅଲ୍ଲାଃଙ୍କର ନିୟମ ଚାଲିଆସିଛି, ସେଥିରୁ ଆମ ଜମାତ୍ ବାହାରକୁ ଯାଇପାରିବ ନାହିଁ । ଏବଂ ମୁଁ ଜାଣିଛି ଯେ ସେମାନେ, ଯେଉଁମନେ ପ୍ରକୃତରେ ମୋ ଜମାତରେ ପ୍ରବେଶ କରିଛନ୍ତି ତାଙ୍କର ହୃଦୟ ଅଲ୍ଲାଃତାଲା ଏପରି କରିଦେଇଛନ୍ତି ଯେ ସେମାନେ ସ୍ୱତଃପ୍ରତଃ ରୂପେ କୁକାର୍ଯ୍ୟରୁ ନିବୃତ ଅଟନ୍ତି ଏବଂ ପୁଣ୍ୟ ସହିତ ଶ୍ରଦ୍ଧା କରନ୍ତି ଏବଂ ମୁଁ ଆଶା କରୁଅଛି ଯେ ସେମାନେ ତାଙ୍କ ଜୀବନର ବହୁତ ଭଲ ନମୁନା ଲୋକମାନଙ୍କ ନିମନ୍ତେ ପ୍ରକାଶ କରିବେ । ***(ମଜ୍‌ମୁଁଆ ଇସ୍‌ତେହାରାତ୍ ଖଣ୍ଡ-୩, ପୃଷ୍ଠା-୪୬-୪୯, ଇସ୍ତେହାର୍ ୨୯ ମଇ ୧୮୯୮ ମସିହା ନିଜର ଜମାତ୍‌କୁ ଚେତେଇବା ନିମନ୍ତେ ଗୋଟିଏ ଜରୁରୀ ଇସ୍ତେହାର୍)***

ଅଲ୍ଲାଃତାଲା କରନ୍ତୁ କି ଆମେ ହଜରତ ମସିହ ମଉଦ ଆ.ସଙ୍କ ଉକ୍ତ ଉପଦେଶାବଳୀ ଓ ନିର୍ଦ୍ଦେଶ ସମ୍ମୁଖରେ ରଖି ନିଜ ଜୀବନ ଅତିବାହିତ କରିବା । ଆପଣଙ୍କ ସହ ଯେଉଁ ବୟତ କରିଛେ ତାହାର ନିର୍ବାହ କରିବା ଏବଂ ଆମ ଜୀବନକୁ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବାରେ ସମ୍ପୂର୍ଣ୍ଣ ରୂପେ ନିୟୋଯିତ କରିଦେବା । ଆମେ ହଜୁର ଆ.ସଙ୍କ ଆଶା ମୁତାବକ ଜୀବନ ଅତିବାହିତ କରି ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିବା । ଅଲ୍ଲାଃତାଲା ଆମର ଦୋଷ  ଢାଙ୍କି ଆମ୍ଭକୁ ପୁରସ୍କୃତ କରନ୍ତୁ । ହଜରତ ମସିହମଉଦ ଆ.ସଙ୍କ (ଜମାଅତ) ସହ ଯେଉଁ ଉନ୍ନତି ଧାର୍ଯ୍ୟ ରହିଛି ଅଲ୍ଲାଃତାଲା ଆମକୁ ତାହା ଦେଖିବାର ସୌଭାଗ୍ୟ ପ୍ରଦାନ କରନ୍ତୁ । ନୂତନ ବର୍ଷର ସୂର୍ଯ୍ୟୋଦୟ ଆମ୍ଭମାନଙ୍କ ପାଇଁ ବିଭୂତି ନେଇ ଆସିବା ସହ ଅଲ୍ଲାଃ ଶତ୍ରୁର ଯୋଜନାଗୁଡ଼ିକ ବିଫଳ କରି ଦିଅନ୍ତୁ ଯେଉଁମାନେ କି ଜମାଅତ ବିରୁଦ୍ଧରେ ଯୋଜନା ପ୍ରସ୍ତୁତ କରିବାରେ ଦିନକୁ ଦିନ ଆଗକୁ ବଢିଚାଲିଛନ୍ତି । ପାକିସ୍ତାନର ଅହେମଦିମାନେ ଯେ କି ଚଳିତ ବର୍ଷ କାଦିଆନର ବାର୍ଷିକ ଧର୍ମ ସମ୍ମିଳନୀରେ ଯୋଗ ଦେଇପାରିଲେ ନାହିଁ, ଯେଉଁଥିପାଇଁ ସେମାନେ ବେଶ୍ ଦୁଃଖିତ ଅଲ୍ଲାଃତାଲା ସେମାନଙ୍କ ତୃଷ୍ଣା ନିବାରଣ କରିବାର ବ୍ୟବସ୍ଥା ମଧ୍ୟ କରିଦିଅନ୍ତୁ ।

ଦ୍ୱିପପୁଞ୍ଜରେ ବସବାସ କରୁଥିବା ଅହେମଦିମାନଙ୍କ ଅସୁବିଧା ମଧ୍ୟ (ଅଲ୍ଲାଃତାଲା) ଦୂର କରନ୍ତୁ । ସେମାନଙ୍କ ମଧ୍ୟରୁ କେତେକଙ୍କ ବିରୋଧରେ ମିଥ୍ୟା ମୁକଦ୍ଦମା କରି ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି । ଅଲ୍ଲାଃତାଲା ସେମାନଙ୍କୁ ସେଥିରୁ ମୁକ୍ତି ପ୍ରଦାନ କରନ୍ତୁ । ଶତ୍ରୁ ଯେତେବେଳେ ଅନ୍ୟାୟ ଓ ଅତ୍ୟାଚାରରେ ବଢିଚାଲି ଥାଏ ସେତେବେଳେ ଆମକୁ ଅଲ୍ଲାଃତାଲାଙ୍କ ପ୍ରଶନ୍ନତା ଲାଭ କରିବା ପ୍ରତି ଢଳି, ଅଧିକରୁ ଅଧିକ ଦୁଆ କରିବା ପ୍ରତି ଧ୍ୟାନ ଦେବା ଉଚିତ୍ । ଅଲ୍ଲାଃତାଲା ଆମ୍ଭମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ । ଆମିନ୍..

*ପୃଷ୍ଠା-୬ର ଅବଶିଷ୍ଟାଂଶ......*

କାଦିଆନ୍ କରିଲେ । ଯେଉଁଥିରେ ସେ ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ହଜ୍‌ରତ୍ ରସୁଲେ ଅକରମ୍ ସ:ଆ:ସ ଙ୍କ ସହିତ ଅପାର ପ୍ରେମ ଏବଂ ଶ୍ରଦ୍ଧା ବିଷୟରେ ଇମାନ୍ ଅଫରୋଜ୍ ଏବଂ ରୁହୁ ପରୱର୍ ଘଟଣାମାନ ବର୍ଣ୍ଣନା କଲେ । ଆପଣ ଆ:ସ ନିଜକୁ ରସୁଲେ ପାକ୍ ସ:ଆ:ସ ଙ୍କ ପ୍ରେମରେ ସମ୍ପୂର୍ଣ୍ଣ ରୂପେ ବିଲିନ କରିଦେଇଥିଲେ ।

ଏହି ସଭାର ଦ୍ୱିତୀୟ ତକ୍‌ରିର୍ 'ଜମାତ୍ ଅହେମଦୀୟା ଅଓର୍ ଖିଦ୍‌ମତେ କୁରୁଆନ୍' ବିଷୟରେ ଶ୍ରୀମାନ୍ ମୌଲାନା ଅତାଉଲ୍ ମୁଜିବ୍ ସାହେବ୍ ଲୋନ୍, ନାଏବ୍ ନାଜିର୍ ନଶ୍‌ରୋ ଇଶାଅତ୍ କାଦିଆନ୍ କରିଲେ । ସେ ଶେଷ ଯୁଗରେ ମୁସଲ୍‌ମାନ୍ ମାନଙ୍କର ଅବସ୍ଥିତି, ପବିତ୍ର କୋରାନ୍‌ର ଶିକ୍ଷାରୁ ମୁହଁ ଫେରାଇନେବା ଓ ତାକୁ ଅନ୍ୟତ୍ର ରଖିଦେବାର ବିଷୟ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜରିଆରେ ଧର୍ମର ପୁନଃ ଉତ୍ଥାନ ହେବା ବିଷୟରେ ବର୍ଣ୍ଣନା କଲେ । ଜମାତ୍ ଅହେମଦୀୟା ପବିତ୍ର କୋରାନ୍‌ର ସେବା କରିବା ବିଷୟରେ ଆଲୋଚନା କରି କହିଲେ ଯେ ଆଜି ଖିଲାଫତେ ଖାମ୍‌ସାର ବା ବରକତ୍ ଯୁଗରେ ମଧ୍ୟ ଏହି କାର୍ଯ୍ୟ ବିଜୁଳି ବେଗରେ ଚାଲିଛି ଏବଂ ବିଶ୍ୱବାସୀଙ୍କୁ ଶାନ୍ତି ଏବଂ ସତ୍‌ପଥର ଶିକ୍ଷା ଦିଆଯାଉଛି ।

ଏହାପରେ ସମ୍ମାନୀୟ ଅତିଥି ଶ୍ରୀମାନ୍ ଅବିନାଶ୍ ରାୟ ଖାନା ସାହେବ୍ ହୁଶିଆରପୁର୍, ନାଏବ୍ ସଦର ବିଜେପି, ଉପ ସଭାପତି ଇଣ୍ଡିଆନ୍ ରେଡକ୍ରସ୍ ସୋସାଇଟି ନିଜର ଭାବନା ବ୍ୟକ୍ତ କରି ଜଲ୍‌ସାରେ ଯୋଗ ଦେଇଥିବା ପ୍ରତ୍ୟେକ ଅତିଥିଙ୍କର ପ୍ରଶଂସା କଲେ ଏବଂ ଶୁଭେଚ୍ଛା ଜଣାଇଲେ । ପୁଣି କହିଲେ ଯେ ଏହି ଜଲ୍‌ସା ପରସ୍ପର ଭିତରେ ଭାତୃଭାବ, ପ୍ରେମ ଏବଂ ଶାନ୍ତିର ସହିତ ମିଶି ଉନ୍ନତି କରିବା ପାଇଁ ଗୋଟିଏ ବିଶିଷ୍ଟ ସ୍ଥାନ ଅଟେ । ଆପଣ କହିଲେ ଯେ ଧର୍ମ ମନୁଷ୍ୟକୁ ଜଣେ ପ୍ରକୃତ ମନୁଷ୍ୟ ରୂପେ ତିଆରି କରିବା ପାଇଁ ଏ ସଂସାରରେ ଅବସ୍ଥାନ କରିଛି । ନିଜ ଭାଷଣର ଶେଷରେ ସେ ଇମାମ୍ ଜମାତ୍ ଅହେମଦୀୟା ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ସାହେବ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଗୋଚରରେ ଆସନ୍ତା ବର୍ଷ ଜଲ୍‌ସା ସାଲାନା କାଦିଆନ୍‌ରେ ଯୋଗଦେବା ପାଇଁ ଓ ହୁଶିଆରପୁର୍‌କୁ ଆସିବା ନିମନ୍ତେ ନିବେଦନ କଲେ ।

ଏହାପରେ ସର୍ଦ୍ଦାର ପ୍ରତାପ ସିଂ ବାଜୁଆ ସାହେବ କାଦିଆନ, ଏମ୍.ପି. ରାଜ୍ୟସଭା ନିଜର ଭାବନା ବ୍ୟକ୍ତ କରି ଜମାତ୍ ଅହେମଦୀୟାର ସେବାକୁ ପ୍ରଶଂସା କଲେ ଏବଂ କହିଲେ ଯେ ମୁଁ ହିନ୍ଦୁସ୍ତାନର ବାହାରକୁ ବହୁତ ଜାଗା ଯାଇଛି । ଯେଉଁଠି ଅହେମଦୀମାନେ ସଦାଚାର ଦ୍ୱାରା ନିଜର ଗୋଟିଏ ଉତ୍ତମ ରୂପ ଦେଖାଇଛନ୍ତି ଏବଂ ନିଜର ଇମାନ୍‌ଦାରି ଏବଂ ସଦାଚାରିତା ଦ୍ୱାରା ସେମାନେ ପ୍ରତ୍ୟେକ ଜାଗାରେ ପ୍ରଶଂସିତ ହେଉଛନ୍ତି । ଏମାନେ ଲୋକଙ୍କ ସେବାରେ ମଧ୍ୟ ଲାଗି ରହିଛନ୍ତି ।

ଏହି ସଭାର ତୃତୀୟ ତକ୍‌ରିର୍ 'ଅହେମଦୀୟତ୍ ହକିକି ଇସ୍‌ଲାମ୍ (ଜମାତ୍ ଅହେମଦୀୟା ପର୍ ମଜାଲିମ୍ ଅଓର୍ ଅଫରାଦେ ଜମାତ୍‌କା ସବର୍ ଓ୍ ଇସ୍‌ତକ୍‌ଲାଲ୍) ଶ୍ରୀମାନ୍ ମୌଲାନା ମକ୍‌ସୁଦ୍ ଅହେମଦ୍ ସାହେବ ଭଟି ମୁବଲିଗ୍ ଇନ୍‌ଚାର୍ଯ୍ୟ ଶ୍ରୀନଗର ଜମ୍ମୁ ଓ କାଶ୍ମୀର୍ କରିଲେ । ସେ ଜମାତ୍ ଅହେମଦୀୟା ସ୍ଥାପନା ହେବାର ସ୍ଥିତି ବର୍ଣ୍ଣନା କରି କହିଲେ ଯେ ଏହି ସିଲ୍‌ସିଲାକୁ ମଧ୍ୟ ଅନ୍ୟ ଏଲାହି ସିଲ୍‌ସିଲା ଭଳି ଦୁଃଖ କଷ୍ଟ ଭୋଗିବାର ଫିଲୋସଫି ବର୍ଣ୍ଣନା କଲେ । ସେ ଜମାତ୍ ଅହେମଦୀୟା ଉପରେ ହେଉଥିବା ଆକ୍ରମଣ ଉପରେ ବର୍ଣ୍ଣନା କରି କହିଲେ ଯେ ଅନ୍ୟାନ୍ୟ ସମୟରେ ଜମାତ୍‌ର ଲୋକମାନେ ନିଜର ବଳିଦାନ୍ ଦେଇଚାଲିଛନ୍ତି ଏବଂ ଧୈର୍ଯ୍ୟ ଓ ଶହନଶୀଳତା ବିଷୟରେ ମଧ୍ୟ ଇମାନ୍ ଅଫରୋଜ୍ ଘଟଣାମାନ କହିଲେ । ଏହା ପରେ ସଭାପତି ମହୋଦୟଙ୍କ ଅନୁମତି କ୍ରମେ ସଭା ସମାପ୍ତ ହେଲା ।

### *ତୃତୀୟ ଦିବସର ଦ୍ୱିତୀୟ ସଭା*

ଜଲ୍‌ସାର ତୃତୀୟ ଦିବସର ଦ୍ୱିତୀୟ ସଭା ଦୁଇଟି ଇଜ୍‌ଲାସ୍ ସହିତ ଆରମ୍ଭ ହେଲା । ପ୍ରଥମ ଇଜ୍‌ଲାସ୍ ଶ୍ରୀମାନ୍ ମୌଲାନା ଜଲାଲୁଦ୍ଦିନ୍ ସାହେବ ନୟର୍ ସଭାପତି ସଦର୍ ଅଞ୍ଜୁମାନ୍ ଅହେମଦୀୟା କାଦିଆନ୍‌ଙ୍କ ସଭାପତିତ୍ୱରେ ଆରମ୍ଭ ହେଲା । ଶ୍ରୀମାନ୍ ଉସ୍‌ମାନ୍ ପାଶା ସାହେବ ପବିତ୍ର କୋରାନ୍‌ର ସୁରା ଆଲେ ଇମ୍‌ରାନ୍ ଆୟତ ନଂ ୧୦୩-୧୦୬ ଆବୃତି କଲେ । ଯାହାର ଉର୍ଦ୍ଦୁ ଅନୁବାଦ ଶ୍ରୀମାନ୍ ତାହେର୍ ଅହେମଦ୍ ସାହେବ ତାରିକ୍ ନାଏବ୍ ନାଜିର୍ ଇସ୍‌ଲାହ୍ ଓ୍ ଇର୍‌ଶାଦ୍ ମର୍‌କଜିଆ ପଢ଼ି ଶୁଣାଇଲେ । ଶ୍ରୀମାନ୍ କାମ୍‌ରାନ୍ ଅହେମଦ୍ ସାହେବ୍ ରାଜୋର୍ ଜମ୍ମୁ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ମଞ୍ଜୁମ୍ କଲାମ୍ –

*ହମେଁ ଉସ୍ ଯାର୍ ସେ ତକ୍‌ୱା ଆତା ହୈ*

ଲଳିତ ସ୍ୱରରେ ପଢ଼ି ଶୁଣାଇଲେ ।

ଏହାପରେ ହିନ୍ଦୁସ୍ତାନ୍‌ର ଅନ୍ୟାନ୍ୟ ରାଜନୈତିକ ଓ ସାମାଜିକ ବ୍ୟକ୍ତିବିଶେଷମାନଙ୍କ ତରଫରୁ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ବାର୍ତାମାନ ଶ୍ରୋତାଙ୍କ ସମ୍ମୁଖରେ ପଢ଼ି ଶୁଣାଇ ଦିଆଗଲା । ଉକ୍ତ ବାର୍ତାମାନ ପଠାଇଥିବା ଲୋକଙ୍କ ମଧ୍ୟରୁ ମହାମହିମ ରାଷ୍ଟ୍ରପତି ମହୋଦୟ ହିନ୍ଦୁସ୍ତାନ୍ ଶ୍ରୀମାନ୍ ପ୍ରଣବ ମୁଖାର୍ଜୀ ସାହେବ୍, ଭାରତର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ରୀ ମୋଦି ସାହେବ ଆଗ ଧାଡ଼ିରେ ଥିଲେ । ଏମାନଙ୍କ ବ୍ୟତୀତ ନିମ୍ନଲିଖିତ ବ୍ୟକ୍ତିମାନେ ମଧ୍ୟ ନିଜର ବାର୍ତା ଏବଂ ଶୁଭେଚ୍ଛା ପଠାଇଥିଲେ । *ଯନାବ୍ ମନ୍‌ମୋହନ୍ ସିଂ ସାହେବ୍ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ *ଯନାବ୍ ସୁରେଶ୍ ପ୍ରଭୁ ସାହେବ୍ ରେଳବାଇ ମନ୍ତ୍ରୀ ହିନ୍ଦୁସ୍ତାନ୍ *ଯନାବ୍ ମୁଖତାର୍ ଅବାସ୍ ନକ୍‌ୱି ସାହେବ୍ ସଂଖ୍ୟାଲଘୁ ମନ୍ତ୍ରୀ ହିନ୍ଦୁସ୍ତାନ *ଯନାବ୍ କଲ୍‌ରାଜ୍ ମିଶ୍ର ସାହେବ୍ ଇଣ୍ଡିଆନ୍ ୟୁନିଅନ୍ କ୍ୟାବିନେଟ୍ ଲଘୁ ଏବଂ ସୁକ୍ଷ୍ମ ଉଦ୍ୟୋଗ ମନ୍ତ୍ରୀ *ଯନାବ୍ ଅନନ୍ତ କୁମାର ସାହେବ ପାର୍ଲିମାନି ମନ୍ତ୍ରୀ ଭାରତ *ଯନାବ୍ ରାଜିବ ପ୍ରତାପ ରୋଡ଼ି ସାହେବ୍ ଜେନେରାଲ୍ ସେକ୍ରେଟାରୀ ଭାରତୀୟ ଜନତା ପାର୍ଟି *ଯନାବ୍ କିରନ୍ ରିୟଜୁ ସାହେବ୍ କେନ୍ଦ୍ରୀୟ ମନ୍ତ୍ରୀ ଗୃହ ବିଭାଗ ଭାରତ *ଯନାବ୍ ସଦାନନ୍ଦ ଗୋଡ଼ା ସାହେବ କେନ୍ଦ୍ରୀୟ ମନ୍ତ୍ରୀ କାନୁନ୍ ଓ ନ୍ୟାୟ ବିଭାଗ ହିନ୍ଦୁସ୍ତାନ *ଯନାବ୍ ମନୋଭର୍ ପାରିକର ପ୍ରତିରକ୍ଷା ମନ୍ତ୍ରୀ ଭାରତ *ଯନାବ୍ ଅଭିଜିତ୍ ମୁଖାର୍ଜୀ ସୁପୁତ୍ର ଶ୍ରୀଯୁକ୍ତ ପ୍ରଣବ ମୁଖାର୍ଜୀ ସାହେବ୍ ରାଷ୍ଟ୍ରପତୀ ଭାରତ, ଏମ୍.ପି. ।

ଶ୍ରୀମାନ୍ ସିରାଜ୍ ଅହେମଦ୍ ସାହେବ ଏଡ଼ିଶିନାଲ୍ ନାଜିର୍ ଆଲା ଜୁନୁବିହିନ୍ଦ୍ ଭାରତ ଉପରଲିଖିତ ବ୍ୟକ୍ତିବିଶେଷଙ୍କ ବାର୍ତା ପଢ଼ି ଶୁଣାଇଲେ ।

ଏହା ପରେ ଶ୍ରୀମାନ୍ ମହମ୍ମଦ୍ ଇନ୍‌ଆମ୍ ସାହେବ୍ ଘୋରୀ ନାଜିର୍ ଆଲା ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍, ଜଲ୍‌ସା ଉତ୍ତମରୂପେ ଏବଂ ସଫଳତାର ସହିତ ଅନୁଷ୍ଠିତ ହେବାଯୋଗୁଁ ଅଲ୍ଲାଃତାଲାଙ୍କର ନିକଟରେ ପ୍ରଶଂସା ଗାନ କରି ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କୁ ମଧ୍ୟ ଧନ୍ୟବାଦ୍ ଅର୍ପଣ କଲେ । ତତ୍ ସହିତ ଜଲ୍‌ସାର ପ୍ରବନ୍ଧକ ଓ ଜଲ୍‌ସାରେ ଉପସ୍ଥିତ ସମସ୍ତ ଲୋକଙ୍କୁ ମଧ୍ୟ ଧନ୍ୟବାଦ ଅର୍ପଣ କଲେ । ସେହିପରି ଜଲ୍‌ସାରେ ସାମିଲ୍ ହୋଇଥିବା ନୈଷ୍ଠିକ ଅହେମଦୀ ଓ ଅଣ ଅହେମଦୀ, ସରକାର ଓ ସରକାରୀ ପ୍ରତିନିଧିଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଲେ । ସଭାପତି ମହୋଦୟ ସଭାର ଶେଷ କଥା କହି ଦୁଆ ସହିତ ପ୍ରଥମ ଇଜ୍‌ଲାସ୍ ଶେଷ କଲେ ।

ଏହା ପରେ ମଂଚରେ ଓ ଜଲ୍‌ସାଗାଃରେ ବସିଥିବା ସମସ୍ତ ବ୍ୟକ୍ତି ଏମ୍.ଟି.ଏ ଜରିଆରେ ଜାରି ହେବାକୁ ଥିବା ନିଜର ଶ୍ରଦ୍ଧେୟ ଇମାମ୍ ଙ୍କ ଜଲ୍‌ସା ସାଲାନା କାଦିଆନ୍‌ରୁ ପ୍ରସାରଣ ହେଉଥିବା ଲାଇଭ୍ ଖେତାବ୍ (ବକ୍ତବ୍ୟ) ଶୁଣିବା ପାଇଁ ନିଜ ନିଜ ଜାଗାରେ ବସି ରହିଲେ । ଖେତାବ୍ ସମୟରେ ଜଲ୍‌ସାଗାଃ ସମ୍ପୂର୍ଣ୍ଣ ପୁରିଯାଇଥିଲା । ଖେତାବ୍ ପୂର୍ବରୁ ହିନ୍ଦୁସ୍ତାନ୍‌ର ଏମ୍.ଟି.ଏ. ଇଣ୍ଡିଆ ତରଫରୁ ଗୋଟିଏ ବିଶେଷ ପ୍ରୋଗ୍ରାମ୍ ଜଲ୍‌ସା ସାଲାନା କାଦିଆନ୍ ଓ ଏହାର ପ୍ରସ୍ତୁତି ବିଷୟରେ ବହୁତ ସୁନ୍ଦର ଭାବେ ପରିବେଷଣ କରାଗଲା ।

ଏହା ପରେ ଲାଇଭ୍ ପ୍ରୋଗ୍ରାମ୍ ଆରମ୍ଭ ହେଲା । ହଜୁର୍ ଅନୁଓ୍ୱର୍ ବଇତୁଲ୍ ଫୁତୁହ୍‌ର ତାହେର୍ ହଲ୍‌ର ଷ୍ଟେଜ୍‌ରେ ବିରାଜମାନ ହେଲେ । ଲଣ୍ଡନ୍‌ଠାରେ ମଧ୍ୟ ପାଂଚହଜାରରୁ ଅଧିକ ଶ୍ରୋତା ହଜୁର୍‌ଙ୍କ ଖେତାବ୍‌ର ଅପେକ୍ଷାରେ ଥିଲେ ।

ଶ୍ରୀମାନ୍ ହାଫିଜ୍ ଜଫରୁଲା ସାହେବ୍ ପବିତ୍ର କୋରାନ୍‌ର ସୁରା ନୁର୍‌ର ଆୟତ ନଂ ୫୫-୫୭ ଆବୃତି କଲେ ଏବଂ ଅନୁବାଦ ମଧ୍ୟ ପଢ଼ି ଶୁଣାଇଲେ । ଏହାପରେ ଶ୍ରୀମାନ୍ ସୟଦ୍ ଆଶିକ୍ ହୁସେନ୍ ସାହେବ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ଫାର୍ସୀ ମଞ୍ଜୁମ୍ କଲାମ୍ ମଧୁର ସ୍ୱରରେ ପଢ଼ି ଶୁଣାଇଲେ ଏବଂ ଏହାର ଅନୁବାଦ ମଧ୍ୟ ଉପସ୍ଥାପନ କଲେ ।

ସୟଦ୍‌ନା ମସିହ୍ ମଉଦ୍ ଆ:ସ ଙ୍କ ଉର୍ଦ୍ଦୁ ମଞ୍ଜୁମ୍ କଲାମ୍ –

ହେ ଶୁକ୍‌ରେ ରବ୍‌ବେ

ଅଜ୍ ଓ୍ୟଲ୍ ଖାରିଜ୍ ଅଜ୍ ବୟାଁ

ର କିଛି ପଦ ଶ୍ରୀମାନ୍ ମର୍‌ତଜା ମନ୍ନାନ୍ ସାହେବ୍ ଲଳିତ ସ୍ୱରରେ ପଢ଼ି ଶୁଣାଇଲେ ।

ହଜୁର୍ ଅନୁଓ୍ୱର୍ ଖେତାବ୍ ଦେବାପାଇଁ ଛିଡ଼ାହେବା ସଙ୍ଗେ ସଙ୍ଗେ ଜଲ୍‌ସାଗାଃ କାଦିଆନ୍ ଓ ଲଣ୍ଡନ୍‌ର ଲୋକମାନେ ନାରାଏ ତକ୍‌ବିର୍ ଉଚ୍ଚାରଣ କରି ଆକାଶକୁ ପ୍ରକମ୍ପିତ କରିଦେଲେ । କ୍ରମଶଃ..........

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢ଼ିନେବେ ।**

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.2 Thursday 02 FEB 2017 Issue No. 5

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

## ତହେରିକ୍ ଯଦିଦ୍‌ର ୮୩ତମ ବର୍ଷର ବାବର୍‌କତ୍ ଶୁଭାରମ୍ଭର ଘୋଷଣା ଓ ଜମାତ୍ ଅହେମଦୀୟା ଭାରତର ନୈଷ୍ଠିକ ଅହେମଦୀଙ୍କ ନିକଟରେ ଜରୁରୀ ନିବେଦନ ।

ସୟଦନା ହଜୁର ଅନୁୱର ଅ:ବ ୧୧ ନଭେମ୍ବର ୨୦୧୬ ରେ ନିଜର ହୃଦୟସ୍ପର୍ଶୀ ଖୁତ୍‌ବା ଜୁମାରେ ତହେରିକ୍ ଯଦିଦ୍‌ର ୮୩ତମ ବର୍ଷର ବାବର୍‌କତ୍ ଶୁଭାରମ୍ଭର ଏଲାନ୍ କରିଲେ । ଅଲହମ୍‌ଦୋଲିଲାଃ - ହଜୁର ଅନୁୱର କହିଲେ ''ହଜରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ ମାଲି କୁର୍‌ବାନି ଉପରେ ଆଲୋକପାତ କରି କହୁଛନ୍ତି:-ଯେ ସଂସାରରେ ଲୋକେ ଧନ ସହିତ ବହୁତ ପ୍ରେମ କରିଥାଏ । ସେଇଥିଯୋଗୁ ତାବିରୁର୍‌ରୋୟା ରେ ଲେଖାଯାଇଛି ଯଦି କୌଣସି ବ୍ୟକ୍ତି ଦେଖେ ଯେ ସେ ନିଜ କଲିଜା କାଢ଼ି କାହାକୁ ଦେଇ ଦଉଛି ତା'ର ଅର୍ଥ ଧନ ଅଟେ । ସେଥିଯୋଗୁଁ ପ୍ରକୃତ ତକ୍ୱା ଓ ଇମାନଙ୍କ ହାସଲ କରିବା ପାଇଁ (ଅଲ୍ଲାଃତାଲା) କହୁଛନ୍ତି ***ଲନ୍‌ତନାଲୁଲ୍ ବିର୍‌ରା ହାତ୍ତା ତୁନ୍ ଫିକୁ ମିମ୍ମା ତୁହିବ୍ବୁନ୍*** ଅର୍ଥାତ୍ ପ୍ରକୃତ ପୁଣ୍ୟକୁ ତୁମେ ସେ ପର୍ଯ୍ୟନ୍ତ ପାଇବ ନାହିଁ ଯେ ପର୍ଯ୍ୟନ୍ତ ତୁମେ ନିଜର ଉତ୍ତମ ଜିନିଷକୁ ଖର୍ଚ୍ଚ ନ କରିଛ । କାରଣ ଅଲ୍ଲାଃଙ୍କ ସୃଷ୍ଟଜଙ୍କ ସହିତ ଉତ୍ତମ ବ୍ୟବହାରର ଏକ ବହୁତ ବଡ଼ ଭାଗ ଧନ ଖର୍ଚ୍ଚ କରିବାରେ ଅଛି । ଏତଦ୍‌ବ୍ୟତୀତ ଇମାନ୍ ସମ୍ପୂର୍ଣ୍ଣ ହୁଏ ନାହିଁ ।... ତେଣୁ ଅଲ୍ଲାଃଙ୍କ ରାସ୍ତାରେ ଧନ ଖର୍ଚ୍ଚ କରିବା ମଧ୍ୟ ମଣିଷର ସୌଭାଗ୍ୟ ଓ ପୁଣ୍ୟବାନ୍‌ର ଆଧାର ଓ ସନ୍ତକ ଅଟେ ।''

ହଜୁର୍ କହିଲେ:-

''ଦୁନିଆ ଆଜିକାଲି ଭାବୁଛି ଯେ ଧନ ସମ୍ପତିକୁ ଠୁଳ କରିବା ଏବଂ ତାକୁ କେବଳ ନିଜ ଆରାମ ଓ ସୁଖ ସ୍ୱାଚ୍ଛନ୍ଦ ପାଇଁ ଖର୍ଚ୍ଚ କରିବାରେ ହିଁ ଆନନ୍ଦ ଓ ଶାନ୍ତି ମିଳିପାରିବ । କିନ୍ତୁ ଜଣେ ମୋମିନ୍ ଯାହାକୁ ଦୀନିର ପ୍ରକୃତ ଜ୍ଞାନ ଅଛି ସେଏହା ଭାବିଥାଏ ଯେ ଯଦି ଚ ଏହା ସବୁ ଅଲ୍ଲାତାଲା ମଣିଷ ନିମନ୍ତେ ସୃଷ୍ଟି କରିଛି କିନ୍ତୁ ଜୀବନର ପ୍ରକୃତ ଲକ୍ଷ ଅଲ୍ଲାତାଲାଙ୍କ ସାନିଧ୍ୟ ଓ ପୁଣ୍ୟ ମାର୍ଗରେ ପରିଚାଳିତ ହେବା ଅଟେ । ଅଲ୍ଲାତାଲାଙ୍କର ହକ୍ ପ୍ରଦାନ କରିବା ଏବଂ ତାର ମଖ୍‌ଲୁକ୍‌ର ହକ୍ ପ୍ରଦାନ କରିବା ଅଟେ ।''

ଖୁତ୍‌ବା ଯୁମାର ଶେଷର ହଜୁର୍ ଅନୁୱର୍ ଅ:ବ କହିଲେ:-

୧୯୩୪ ମସିହାରେ ଏହ୍‌ରାରୀ ଯମାତକୁ ନିଃଶେଷ କରିବାର କଥା କହୁଥିଲେ । କାଦିୟାନ୍‌କୁ ତଳିତଳାନ୍ତ କରିଦେବାର କଥା କହୁଥିଲେ । ସେ ସମୟରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ତହେରିକ୍ ଯଦିଦ୍‌ର ଏଲାନ୍ କରାଇ ସମଗ୍ର ବିଶ୍ୱରେ ମିଶ୍‌ନାରି ପଠାଇବାର ଯୋଜନା ତିଆରି କଲେ । ତବ୍‌ଲିଗ୍‌ର ଏକ ସୁନ୍ଦର ଯୋଜନା ତିଆରି କରାଗଲା ଏବଂ ଆଜି ଅଲ୍ଲାଃତାଲାଙ୍କ କୃପାରୁ ବିଶ୍ୱର ପ୍ରତ୍ୟେକ ଦେଶରେ ଯମାତ୍ ଅହେମଦୀୟାକୁ ଲୋକେ ଜାଣିଛନ୍ତି ଏବଂ ୨୦୯ ଦେଶରେ ଯମାତ୍ ଅହେମଦୀୟା ପ୍ରତିଷ୍ଠା ହୋଇସାରିଛି ।...........ଆଜି ଦୁନିଆର ଏହି ପଶ୍ଚିମ କୋଣରୁ ସମଗ୍ର ସଂସାରରେ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ବାର୍ତ୍ତାକୁ ଆପଣଙ୍କର ଜଣେ ଗୋଲାମ ଏବଂ ଜଣେ ଛୋଟ ସେବକ ପହଂଚାଇ ଚାଲିଛି ।''

ହଜୁର୍ ଅନୁୱର୍‌ଙ୍କ ଏହି ଜ୍ଞାନ ବର୍ଦ୍ଧକ ଖୁତ୍‌ବା ଯୁମାର ଆଲୋକ ଦ୍ୱାରା ଯମାତ୍ ଅହେମଦୀୟା ଭାରତର ନୈଷ୍ଠିକ ଅହେମଦୀଙ୍କ ଗୋଚରେ ନିବେଦନ କରାଯାଉଛି କି ସେମାନେ ମାଲି କୁର୍‌ବାନୀର ଜରୁରତ୍ ଏବଂ ଗୁରୁତ୍ୱକୁ ଅନୁଭବ କରି ତହେରିକ୍ ଯଦିଦ୍‌ର ଚନ୍ଦାରେ ବଢ଼ି ଚଢ଼ି କରି ଭାଗ ନିଅନ୍ତୁ । ପ୍ରଥମ ମୁହୂର୍ତ୍ତରେ ନିଜର ସେକ୍ରେଟାରୀ ତହେରିକ୍ ଯଦିଦ୍‌ଙ୍କ ସହିତ ସମ୍ପର୍କ ସ୍ଥାପନ କରି ଏକ ଉତ୍ତମ (ୱାଦା) ପ୍ରତିଶ୍ରୁତିର ସହିତ ଯଥା ସମ୍ଭବ ତାହା ପ୍ରଦାନ କରିବା ପାଇଁ ଚେଷ୍ଟା କରନ୍ତୁ । ଫଳତଃ ଅଲ୍ଲାତାଲାଙ୍କର କୃପା, ସାନିଧ୍ୟ ଏବଂ ବର୍‌କତ୍‌ରୁ ଲାଭ ଉଠାନ୍ତୁ । ଅଲ୍ଲାତାଲା ଆମକୁ ଏହା କରିବା ପାଇଁ ଅଧିକରୁ ଅଧିକ ଶକ୍ତି ପ୍ରଦାନ କରନ୍ତୁ । - ଆମିନ୍

(ୱକିଲୁଲ୍‌ମାଲ୍ ତେହ୍‌ରିକେ ଯଦିଦ୍ କାଦିୟାନ)

## ୱାକିଫିନ୍-ଏ-ନୌ ଏବଂ ତାଙ୍କ ପିତାମାତାଙ୍କ ନିମନ୍ତେ ଜରୁରୀ ଘୋଷଣା

ସୟଦ୍‌ନା ହଜୁର୍ ଅନୁୱର୍ ଅ:ବ ବିଭିନ୍ନ ଅବସରରେ ୱାକିଫିନ୍-ଏ-ନୌ କୁ ଜାମିଆ ଅହେମଦୀୟାରେ ପ୍ରବେଶ ନେଇ ଦୀନି ଶିକ୍ଷା ହାସଲ କରି ଜମାତ୍‌ର ସେବାରେ ନିୟୋଜିତ ହେବା ପାଇଁ ପ୍ରବର୍ତ୍ତାଉଛନ୍ତି । ସୟଦ୍‌ନା ହଜୁର ଅନୱର୍‌ଙ୍କର ନିର୍ଦ୍ଦେଶ ଯେ- ''ଅଧିକରୁ ଅଧିକ ପିଲାମାନଙ୍କ ମନରେ ଏକଥା ରଖାଯାଉ ଯେ, ତୁମ ଜୀବନର ଉଦ୍ଦେଶ୍ୟ ଧାର୍ମିକ ଶିକ୍ଷା ହାସଲ କରିବା । ଏ ଯେଉଁ ୱାକିଫିନ୍-ଏ-ନୌ ର ପିଲାମାନେ, ଏମାନଙ୍କ ମସ୍ତିଷ୍କରେ ଏକଥା ପୁରାଇବା ଆବଶ୍ୟକ ଯେ ଧର୍ମୀୟ ଶିକ୍ଷା ପାଇଁ ଜମାତ୍‌ର ଯେଉଁ ଧାର୍ମିକ ଅନୁଷ୍ଠାନ ଅଛି ସେଥିରେ ନାମ ଲେଖାଇବା ଜରୁରୀ ଅଟେ । ଜାମେଆ ଅହମଦିୟାରେ ନାମ ଲେଖାଇବାରେ ୱାକିଫିନ୍-ଏ-ନୌ ମାନଙ୍କ ସଂଖ୍ୟା ଅଧିକ ହେବା ଉଚିତ୍ । (ଖୁତ୍‌ବା ଜୁମା - ୧୮ ଜାନୁଆରୀ ୨୦୧୩)

ତେଣୁ କରି ସମସ୍ତ ୱାକିଫିନ୍-ଏ-ନୌ ପିଲାମାନଙ୍କର ଏହା କର୍ତବ୍ୟ ଯେ, ଦଶମ ଶ୍ରେଣୀ (୧୦ମ) ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କଲାପରେ ଆଗକୁ ଅଧିକ ଶିକ୍ଷା ହାସଲ କରିବା ପାଇଁ ୱାକ୍‌ଫ୍-ଏ-ନୌ କାର୍ଯ୍ୟାଳୟ ଭାରତଙ୍କ ସହ ସଂପର୍କ କରନ୍ତୁ । ନିୟମାନୁଯାୟୀ ନ୍ୟାସ୍‌ନାଲ୍ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫ୍-ଏ-ନୌ ଭାରତଙ୍କ ଅନୁମତି ସହିତ ଅନ୍ୟାନ୍ୟ କ୍ଷେତ୍ରରେ ଶିକ୍ଷା ଗ୍ରହଣ କରନ୍ତୁ । ତେଣୁ ଭାରତର ସମସ୍ତ ୱାକିଫିନ୍-ଏ-ନୌ ଯେଉଁମାନେ ଚଳିତ ବର୍ଷ ୧୦ମ ବା +୨ ଅଥବା ଗ୍ରାଜୁଏସନ୍‌ର ଶେଷ ବର୍ଷରେ ଶିକ୍ଷା ଗ୍ରହଣ କରୁଛନ୍ତି ସେମାନେ ତାଙ୍କ ଭବିଷ୍ୟତ ଶିକ୍ଷା ପାଇଁ ଶିଘ୍ର ଓକ୍‌ଫ୍-ଏ-ନୌ କାର୍ଯ୍ୟାଳୟ ଭାରତ (ନଜାରତ୍ ତାଲିମ୍) ଙ୍କ ସହିତ ସମ୍ପର୍କ କରନ୍ତୁ । ଯଦ୍ୱାରା ୱାକିଫିନ୍-ଏ-ନୌ ଙ୍କ ଶିକ୍ଷା ସମ୍ବନ୍ଧରେ କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ କରାଯାଇପାରିବ । ୱାକିଫିନ୍-ଏ-ନୌ ଙ୍କ ପାଇଁ ଶିକ୍ଷାର ପ୍ରତି ସ୍ତରରେ ଅନୁମତି ହାସଲ କରିବା ଜରୁରୀ ଅଟେ ।

(ଇନ୍‌ଚାର୍ଜ ୱକ୍‌ଫ୍-ଏ-ନୌ ବିଭାଗ, ଭାରତ)

## ବାପା ମା'ଙ୍କ ନିମନ୍ତେ କର୍ତବ୍ୟ

ୱ କଜା ରବ୍‌ବୁକା ଅଲ୍ଲାଃ ତାଆବୁଦୁ ଇଲ୍ଲା ଇୟାହୁ ୱବିଲ୍ ୱାଲିଦୈନେ ଇହ୍‌ସାନା । ଇମ୍ମା ୟବ୍‌ଲୁଗନ୍ନା ଇନ୍‌ଦକଲ୍ କିବର ଅହଦୁହୁମା ଅଓ କିଲାହୁମା ଫଲା ତକୁଲ୍‌ଲହୁମା ଉଫିଁଉଁ ୱଲା ତନ୍‌ହର୍‌ହୁମା ୱକୁଲ୍‌ଲହୁମା କଓ୍ୱଲନ୍ କରିମା । ୱଖ୍‌ଫିଜ୍ ଲହୁମା ଯନାହଜ୍ ଜୁଲ୍ଲେ ମିନର୍ ରହ୍‌ମତେ ୱକୁର୍ ରବ୍‌ବିର୍ ହମ୍‌ହୁମା କମା ରବ୍‌ବୟାନି ସଗିରା ।

**(ପବିତ୍ର କୋରାନ୍ ସୁରା ବନି ଇସ୍‌ରାଇଲ୍: ଆୟାତ:୨୪-୨୫)**

ଅର୍ଥାତ୍- ତୁମ୍ଭ ପାଳନକର୍ତା (ଏ ବିଷୟରେ) ଚେତାବନୀ ପୂର୍ବକ ଆଦେଶ ଦେଇଛନ୍ତି ଯେ ତୁମେମାନେ ତାହାଙ୍କ ବ୍ୟତୀତ କାହାରି ଉପାସନା କରନାହିଁ, ଏବଂ ପିତାମାତାଙ୍କ ସହିତ ଉତ୍ତମ ବ୍ୟବହାର କର; ଯଦି ତୁମ ଜୀବିତ ଅବସ୍ଥାରେ ସେ ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କର ବା ଉଭୟଙ୍କର ବାର୍ଦ୍ଧକ୍ୟ ଆସିଯାଏ, ତେବେ ସେମାନଙ୍କ ପ୍ରତି (ସେମାନଙ୍କ କୌଣସି କଥାରେ ଅସନ୍ତୋଷ ପ୍ରକାଶ କରି) କୌଣସି କଟୁ ମନ୍ତବ୍ୟ ପ୍ରକାଶ କର ନାହିଁ କି ସେମାନଙ୍କୁ ଭର୍ତ୍ସନା କରନାହିଁ ଓ ସେମାନଙ୍କ ସହ (ସର୍ବଦା) କୋମଳ ବଚନରେ କଥାବାର୍ତା କର । ଏବଂ ଦୟାପରବଶ ହୋଇ ସେମାନଙ୍କ ସମ୍ମୁଖରେ ବିନୀତ ମନୋଭାବ ପୋଷଣ କର, ଏବଂ (ସେମାନଙ୍କ ପାଇଁ ପ୍ରାର୍ଥନା-ପୂର୍ବକ) କୁହ, ''ହେ ମୋର ପାଳନ କର୍ତା, ! ସେମାନଙ୍କ ପ୍ରତି କରୁଣା ପ୍ରଦାନ କର,କାରଣ ସେମାନେ ମୋର ଶୈଶବା ଅବସ୍ଥାରେ ଲାଳନ ପାଳନ କରିଥିଲେ'' ।

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan